

ପ୍ରତ୍ୟେକ ପର୍ବରେ
BIG BAZAAR
fbb
#Puja Perfect
FREE UNCONDITIONAL FASHION VOUCHER*
SHOP FASHION WORTH
GET FASHION VOUCHER WORTH
₹3000 ₹300
₹4000 ₹500
₹7000 ₹1000
*Valid up to 31st Oct, 2019
STARTS AT ₹399
STARTS AT ₹299
STARTS AT ₹299
Now shop online at:
www.fbbonline.in
DDB Mudra 4314
future pay
DOWNLOAD NOW
Scan QR Code
Give a missed call 8010 35 0000
EXTRA 10% OFF** WITH fbb SBI STYLE UP CARD
TO APPLY, SMS STYLEUP TO 5676791
**T&C APPLY
BAJAJ FINSERV
Get Up to ₹900* back
Paytm Cashback
To buy fbb/Big Bazaar Gift Vouchers Scan QR code in Paytm App
ADDITIONAL 10%# DISCOUNT ON RuPay CARDS
RuPay
fbb
INDIA'S FASHION HUB
OUR STORES IN BHUBANESWAR Forum Mart, Kharvel Nagar • Maruti Mall, Patia • Krishna Plaza, Naya Pally, Beside ISCON Temple, Main Road • Esplanade One, Rasulgarh • Satyam Shivam Sundaram, 97 Janpath Road
NEW STORES: DN Regalia, DN Square, Kalinga Vihar, Patrapada • Symphony Mall, Rudrapur, Opp. Highway Honda, Khorda
ALSO PRESENT IN City Centre, Near Sanjeevani Hospital, Sambalpur • Opp. Manmohan Mee School, Sarbahal Road, Jharsuguda • Shanti Towers (Old Razzaq Talkies), Main Road, Rourkela • Kashvi Mall, Mining Road, Opp. Law College, Kendujhar • Guru Empires, Grand Road, Near Town Police Station, Puri • SGBL Square Mall, Durga Devi Complex, Town Hall Road, Cuttack • Darga Bazaar, Cuttack
/fbbonline | Customer Helpline 1800 266 2255
T&C Apply
BIG BAZAAR
Making India Beautiful



ଯାହାର ଚିତ୍ତ ସ୍ଥିର ନୁହେଁ, ତା'ଠାରୁ
କେବେ ବିଜ୍ଞତା ଆଶା କର ନାହିଁ।
- ଶିଶେରୋ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ବ୍ଲୋସମ୍ସ ସ୍କୁଲ ପକ୍ଷରୁ ଅନ୍ତର୍ଜାତୀୟ ଶାନ୍ତି ଦିବସ, ସ୍କୁଲ ପରିସର, ଭରତପୁର, ସକାଳ ୯ଟା।
- ବିରଜା ସଂସ୍କୃତି ପ୍ରଚାର ସମିତି ପକ୍ଷରୁ ପ୍ରଥମ ରାଜ୍ୟସ୍ତରୀୟ ବିରଜା ମହୋତ୍ସବ, ସୂଚନା ଭବନ, ସକାଳ ୮ଟାରୁ ଅପରାହ୍ଣ ୧ଟା।
- ଓଡ଼ିଶା ପିସ୍ ନେଟଓ୍ୱର୍କ(ଓପିଏନ୍) ପକ୍ଷରୁ ଶାନ୍ତି ପଦଯାତ୍ରାର ଉଦ୍‌ଘାଟନ, ପ୍ରେସ୍ କ୍ଲବ ଅଫ ଓଡ଼ିଶା, ପୂର୍ବାହ୍ଣ ୧୧ଟା।
- ରୋଟାରୀ କ୍ଲବ ପକ୍ଷରୁ ନେଶନ ବିଲ୍‌ଡର ଆୱାର୍ଡ ଉତ୍ସବ, ଗୀତ ଗୋବିନ୍ଦ ସଦନ, ଅପରାହ୍ଣ ୪ଟା।
- ଓଡ଼ିଶା ଲିଟେରାରି ଫେଷ୍ଟିଭାଲ, ମେ ଫେୟାର କନଭେନଶନ, ଅପରାହ୍ଣ ୫ଟା।
- ଓଡ଼ିଶା ସିଟିଜେନ ଆୱାର୍ଡ, ସ୍ୱସ୍ତି ପ୍ରିମିୟମ, ସନ୍ଧ୍ୟା ୬ଟା।
- ସ୍ମୃତି ସାନ୍ତ୍ୱନାର ମହିଳା ପତ୍ରିକାର ୩ୟ ସଂଖ୍ୟା ଲୋକାର୍ପିତ, ବୁଦ୍ଧ ମନ୍ଦିର, ସନ୍ଧ୍ୟା ୬ଟା।
- ଜେନିଥ୍ ଡ୍ୟାନ୍ସ ଏକାଡେମୀର ୧୯ତମ ବାର୍ଷିକ ଉତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା।
- ସୋସାଇଟି ଫର୍ ନେଚର ଏଜୁକେଶନ ଆଣ୍ଡ ହେଲ୍‌ଥ(ସେନ୍‌ହେ) ପକ୍ଷରୁ ଅନ୍ତର୍ଜାତୀୟ ଶାନ୍ତି ଦିବସ, ଇଡ୍‌କୋଲ ଅଡିଟୋରିୟମ, ସନ୍ଧ୍ୟା ୬ଟା ୩୦।
- ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ 'ସଙ୍ଗସ୍ ଅଫ୍ ମାଇ ହାର୍ଟ', ସୂଚନା ଭବନ, ସନ୍ଧ୍ୟା ୬ଟା ୪୫।
- ଭୁବନେଶ୍ୱର ମ୍ୟୁଜିକ ସର୍କଲ ପକ୍ଷରୁ ସଙ୍ଗୀତ କାର୍ଯ୍ୟକ୍ରମ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।

**କଟକ**

- ସ୍ୱୟମଶ୍ରୀ ମହିଳା ସମବାୟ ସମିତି ଲିମିଟେଡ୍‌ର ବାର୍ଷିକ ସମ୍ମିଳନୀ, ଶହୀଦ ଭବନ, ଚୌଧୁରୀ ବଜାର, ମଧାହ୍ନ ୧୨ଟା।

**ପୁରୀ**

- ମୋ-ବିଚ୍ କ୍ଲିନ ଅଭିଯାନ, ବେଳାଭୂମି, ସକାଳ ୬ଟା।
- ୱାର୍ଡ ୭ର କ୍ଲିନ ଡେ, ଅଠରନଳା, ସକାଳ ୭ଟା ୩୦।
- ରାଜ୍ୟସ୍ତରୀୟ ଆଣ୍ଡେଡୁ ଆଖେଡ଼ା ପ୍ରତିଯୋଗିତା, ପୋଲିସ ନୋଡାଲ ହାଇସ୍କୁଲ, ଅପରାହ୍ଣ ୩ଟା।
- ଶରଧାବାଲି ଉତ୍ସବ, ମୁକ୍ତାକାଶ ରଙ୍ଗମଞ୍ଚ, ସନ୍ଧ୍ୟା ୬ଟା।

## ଆଜି ଅନ୍ତର୍ଜାତୀୟ ବେଳାଭୂମି ସଫେଇ ଦିବସ
## ଯୋଗଦେବେ ଅଭିନେତ୍ରୀ ନନ୍ଦିତା ଦାସ

**ପୁରୀ ଅଫିସ, ୨୦।୯:** ଅନ୍ତର୍ଜାତୀୟ ବେଳାଭୂମି ସଫେଇ ଦିବସ ଅବସରରେ ଶନିବାର ପୁରୀରେ ହେବ ମେଗା ଇଭେଣ୍ଟ। ଜିଲାର ପ୍ରାୟ ୧୦୦ କିମି ବ୍ୟାପ୍ତ ବେଳାଭୂମିର ୧୦୦ଟି ସ୍ଥାନରେ ପ୍ରାୟ ୧୦ ହଜାର ସ୍ୱେଚ୍ଛାସେବୀ ସାମିଲ ହେବା ସମ୍ଭାବନା ରହିଛି। ସକାଳ ୬ରୁ ସାଢେ ୭ଟା ପର୍ଯ୍ୟନ୍ତ ଏହି ସଫେଇ କରାଯିବ। ଏହା ବିଶ୍ୱର ସବୁଠୁ ବୃହତ୍ ବେଳାଭୂମି ସଫେଇ ଅଭିଯାନ ହେବ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ତେବେ ଏଥିରେ ବଲିଉଡ୍ ଅଭିନେତ୍ରୀ ନନ୍ଦିତା ଦାସ, ଅଭିନେତା ବିଦ୍ୟୁତ୍ ଜାମୱାଲଙ୍କ ସମେତ ଆହୁରି ଅନେକ ସେଲିବ୍ରିଟି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। କେବଳ ପୁରୀ ପୌରସଂସ୍ଥା ଅଧୀନରେ ଥିବା ୭ କିମି ବେଳାଭୂମିକୁ ୧୭ଟି ଜୋନରେ ବିଭକ୍ତ କରାଯାଇ ଏକକାଳୀନ ସଫେଇ କରାଯିବ। ଏହାପରେ ସକାଳ ୮ଟାରେ ରାଜଭବନ ପଛପଟ ବେଳାଭୂମିରେ ସମସ୍ତେ ଏକତ୍ରିତ ହେବେ। ଏଠାରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ କରାଯିବ ବୋଲି ସ୍ଥିର ହୋଇଛି।

### ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ ନିୟମ

# ମାନୁନାହାନ୍ତି ଅନେକ ଶୋ'ରୁମ୍ ମାଲିକ

ତ୍ରିନାଥ ମହାନ୍ତି
ଭୁବନେଶ୍ୱର, ୨୦।୯(ବ୍ୟୁରୋ)




■ ଗ୍ରାହକଙ୍କୁ ଖୁସି କରିବାକୁ ଯାଇ ଦେଉଛନ୍ତି ଗାଡ଼ି
■ ରାଜଧାନୀରେ ଗଡୁଛି ବହୁ ନମ୍ବର ବିହୀନ ନୂଆ ଗାଡ଼ି
■ ନମ୍ବର ପ୍ଲେଟ ନ ଥିଲେ ଗାଡ଼ି ଜବତ ସହ ଫାଇନ୍ କରାଯିବ: ଆର୍‌ଟିଓ

ଆତଙ୍କବାଦ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ସମଗ୍ର ଦେଶରେ ହାଇସିକ୍ୟୁରିଟି ନମ୍ବର ପ୍ଲେଟ ଲଗାଇବାକୁ ସବୁ ରାଜ୍ୟକୁ ପରାମର୍ଶ ଦେଇଛନ୍ତି। ଓଡ଼ିଶାରେ ଗତ ମେ ୧ରୁ ନୂତନ ଗାଡ଼ିରେ ହାଇସିକ୍ୟୁରିଟି ନମ୍ବର ପ୍ଲେଟ ଲଗାଇବା ନିୟମ ଲାଗୁ ହୋଇଛି। ଜଣେ ବ୍ୟକ୍ତିଙ୍କୁ ଗାଡ଼ି ବିକିବା ବେଳେ ଶୋ' ରୁମ୍ କର୍ତ୍ତୃପକ୍ଷ ଏହି ନମ୍ବର ପ୍ଲେଟ ଲଗାଇ ଦେବେ। ବିନା ନମ୍ବର ପ୍ଲେଟରେ କୌଣସି ଗାଡ଼ି ରାସ୍ତାରେ ଗଡ଼ିପାରିବ ନାହିଁ। ଏପରି କି ୨୦୧୯ ମୋଟର ଯାନ ଆଇନ ଅନୁଯାୟୀ, ଯଦି କୌଣସି ଶୋ'ରୁମ୍ ମାଲିକ ବିନା ନମ୍ବର ପ୍ଲେଟରେ ଗାଡ଼ି ଗ୍ରାହକଙ୍କୁ ଦେଇଥାନ୍ତି, ତାହାହେଲେ ମୋଟରଯାନ ଆକ୍ଟ ୧୮୨(ଏ) ଅନୁଯାୟୀ ଏକ ଲକ୍ଷ ଟଙ୍କା ଫାଇନ କରାଯିବ। ଏଥିସହ ଆର୍‌ଟିଓ ଉକ୍ତ ନମ୍ବର ପ୍ଲେଟ ବିହୀନ ଗାଡ଼ିକୁ ଜବତ କରି ଏକ ଚାଲାଣ କାଟି ମାମଲାକୁ କୋର୍ଟକୁ ପଠାଇ ଦେବେ। କିନ୍ତୁ ଏବେ ରାଜଧାନୀ ସହ ରାଜ୍ୟର ବିଭିନ୍ନ ଜିଲାରେ ଗାଡ଼ି ଶୋ'ରୁମ୍ ଗୁଡ଼ିକରେ ଏହି ନିୟମ ଉଲ୍ଲଂଘନ କରାଯାଉଛି। ଶୋ'ରୁମ୍ ମାଲିକମାନେ ଗ୍ରାହକଙ୍କୁ ଖୁସି କରିବାକୁ ଯାଇ ବିନା ନମ୍ବର ପ୍ଲେଟ୍‌ରେ ଗାଡ଼ି ଦେଇ ଦେଉଛନ୍ତି। ଫଳରେ ଅନେକ ସମୟରେ ଅପରାଧ ଘଟାଇ ସହଜରେ ଖସିଯିବା ପାଇଁ ନମ୍ବରବିହୀନ ଗାଡ଼ିକୁ ବ୍ୟବହାର କରୁଛନ୍ତି ଦୁର୍ବୃତ୍ତ। ଆର୍‌ଟିଓ କିମ୍ବା ପୋଲିସ ପକ୍ଷରୁ ଏଭଳି ଗାଡ଼ିଗୁଡ଼ିକର ଯାଞ୍ଚ କରାଯାଉନାହିଁ। ଏହି ନିୟମ କେବଳ କାଗଜପତ୍ରରେ ସୀମିତ ରହିଛି।

ରାଜଧାନୀର ବିଭିନ୍ନ ଛକରେ ଗୁରୁବାର ମାଳମାଳ ନୂଆ ଗାଡ଼ିରେ ନମ୍ବର ପ୍ଲେଟ ନ ଥିବା ଦେଖିବାକୁ ମିଳିଥିଲା। ସିଆରପି ଛକରେ ଗୋଟିଏ ନମ୍ବର ପ୍ଲେଟ ବିହୀନ ଗାଡ଼ିର ଚାଳକଙ୍କୁ ଅଟକାଇ ପଚାରିବାରୁ ସେ କହିଥିଲେ, ୪ଦିନ ତଳେ ଗାଡ଼ି କିଣିଛି। ତେବେ ହାଇସିକ୍ୟୁରିଟି ନମ୍ବର ପ୍ଲେଟ ସମ୍ପର୍କରେ କିଛି ଜାଣିନାହିଁ। ସେହିଭଳି ଜୟଦେବ ବିହାର ଛକ, ରାଜମହଲ ଓ ଏଜି ଛକରେ ଏଭଳି ଗାଡ଼ି ସହ କେବଳ ନମ୍ବର ପ୍ଲେଟ ଲାଗିଥିବା ବାଇକ୍ ଗଡୁଥିଲା। ପୋଲିସ ଏସବୁ ଦେଖୁଥିଲେ ମଧ୍ୟ ଚୁପ୍ ରହିଥିଲା। ଅନ୍ୟପକ୍ଷେ, ୫ଦିନ ତଳେ ଜଣେ ମହିଳା ଏକ ନମ୍ବର ବିହୀନ ଆକ୍ଟିଭାରେ ଯାଉଥିବାବେଳେ ବାରଙ୍ଗ ନିକଟରେ ଆର୍‌ଟିଓ ଚେକିଂରେ ଧରାପଡ଼ିଥିଲେ। ଶୋ'ରୁମ୍ ପକ୍ଷରୁ ତାଙ୍କୁ ନମ୍ବର ପ୍ଲେଟ ଦିଆଯାଇ ନ ଥିଲା। ଆର୍‌ଟିଓ କର୍ମଚାରୀ ସେହି ବାଇକ୍ ଜବତ କରି ଶୋ'ରୁମ୍ ମାଲିକଙ୍କୁ ୧ଲକ୍ଷ ଟଙ୍କା ଫାଇନ୍ କରିଥିଲେ। ଭୁବନେଶ୍ୱରସ୍ଥିତ ଏକ ବାଇକ୍ ଶୋ'ରୁମ୍ ମ୍ୟାନେଜର ମୃତ୍ୟୁଞ୍ଜୟ ମହାପାତ୍ର ଏ ନେଇ କହିଛନ୍ତି, ଆମେ ବିନା ନମ୍ବର ପ୍ଲେଟରେ ବାଇକ୍ ଦେବାକୁ ଗ୍ରାହକଙ୍କୁ ମନା କରୁଛୁ। ଏପରି କି, ଯିଏ ଗାଡ଼ି ନେବେ ସେ ଟଙ୍କା ଜମା କରିବା ପରେ ନିଜର ଆଧାରକାର୍ଡ ଦେଇଯିବେ। ପରେ ତାଙ୍କ ନାମରେ ନମ୍ବର ପ୍ଲେଟ ରେଜିଷ୍ଟ୍ରି କରାଯିବ। ଏ ନେଇ ତାଙ୍କ ମୋବାଇଲ ଫୋନ୍‌କୁ ଏକ ମେସେଜ ଯିବ। ୩ ଦିନ ଭିତରେ ଆର୍‌ଟିଓ ଅଫିସରୁ ନୂଆ ନମ୍ବର ଆସିବା ପରେ ଗ୍ରାହକଙ୍କୁ ଗାଡ଼ି ହସ୍ତାନ୍ତର କରାଯାଉଛି। ସୂଚନାନୁଯାୟୀ, ରାଜ୍ୟ ବାହାରର ୫ ଭେଣ୍ଡର ଓଡ଼ିଶାରେ ନୂତନ ନମ୍ବର ପ୍ଲେଟ ଯୋଗାଉଛନ୍ତି। ଏହି ଭେଣ୍ଡରମାନେ ଶୋ'ରୁମ ମାଲିକଙ୍କଠାରୁ ଦୁଇଚକିଆ ଯାନ ନମ୍ବର ପ୍ଲେଟ ଲଗାଇବା ସକାଶେ ୨୨୦ ଟଙ୍କା ଏବଂ ଚାରିଚକିଆ ଯାନ ପାଇଁ ୪୩୦ ଟଙ୍କା ସହିତ ୧୮% ଜିଏସ୍‌ଟି ନେଉଛନ୍ତି। ଶୋ'ରୁମ୍ ମାଲିକମାନେ ଗାଡି କିଣୁଥିବା ବ୍ୟକ୍ତିଙ୍କଠାରୁ ଟଙ୍କା ନେଉଥିଲେ ମଧ୍ୟ ତାହା ଠିକ୍ ସମୟରେ ପଇଠ କରୁ ନ ଥିବାରୁ ଗ୍ରାହକ ଜିଦ୍ କରି ଗାଡ଼ି ନେଉଛନ୍ତି। ଏ ସଂକ୍ରାନ୍ତରେ ଆର୍‌ଟିଓ ପ୍ରଦୀପ ମହାନ୍ତି କହିଛନ୍ତି, ଶୋ'ରୁମଗୁଡିକ ଏଭଳି କରୁଥିଲେ ଦଣ୍ଡନୀୟ। ଯେଉଁ ନୂଆ ଗାଡିଗୁଡିକ ରାସ୍ତାରେ ବୁଲୁଥିବା ଆମ ନଜରରେ ଆସିବ, ତାହାକୁ ଜବତ କରି ଶୋ'ରୁମ୍ ମାଲିକଙ୍କୁ ଏକ ଲକ୍ଷ ଟଙ୍କା ଫାଇନ କରାଯିବ।




ସୁର୍ ଭାଇବ୍ରେଶନ ଓ ରୁମ୍‌କୁ ଝୁମାନା ଅନୁଷ୍ଠାନ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମ 'ରାଜଧାନୀ ନୂଆଖାଇ'ରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

### କୁଆଖାଇ ନଦୀବନ୍ଧ ସଂଲଗ୍ନ ରାସ୍ତା ଜବରଦଖଲକୁ ବିରୋଧ

## ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

କଟକ ଅଫିସ, ୨୦।୯

କୁଆଖାଇ ନଦୀବନ୍ଧ ସଂଲଗ୍ନ ମଞ୍ଚେଶ୍ୱରଠାରୁ କାନପୁର ରାସ୍ତାର ଦକ୍ଷିଣ ପାର୍ଶ୍ୱକୁ ବେଆଇନ ଭାବେ ଜବରଦଖଲ କରାଯାଇଛି। ଏହାକୁ ବିରୋଧ କରି ଶୁକ୍ରବାର ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାଏର ହୋଇଛି। ଆବେଦନକାରୀ ତଥା ଆଇନଜୀବୀ ଅନ୍ତର୍ଯାମୀ ସ୍ୱାଇଁଙ୍କ ପକ୍ଷରୁ ଦାଖଲ ହୋଇଥିବା ଏହି ମାମଲାରେ ରାଜ୍ୟ ସରକାରଙ୍କ ଆଇନ ବିଭାଗ, ଖୋର୍ଦ୍ଧା ଜିଲାପାଳ, ପ୍ରାଚୀ ଡିଭିଜନର ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର, ରାସ୍ତା ଓ ଗୃହ ନିର୍ମାଣ ବିଭାଗ, ଭୁବନେଶ୍ୱର ଡିଭିଜନ-୪ର ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର, ରାଜ୍ୟ ଶିଳ୍ପ ବିଭାଗ ସଚିବ, ଭୁବନେଶ୍ୱର ଡିସିପି ଓ ତହସିଲଦାରଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆବେଦନକାରୀ ପିଟିଶନରେ ଦର୍ଶାଇଛନ୍ତି, ଉକ୍ତ ସରକାରୀ ଜମିକୁ ବେଆଇନ ଭାବେ ଜବରଦଖଲ କରାଯିବା ସହ ଅନୁମତି ନ ଥାଇ ହଜାର ହଜାର ଗୃହ ନିର୍ମାଣ ହେଉଛି। ପ୍ରତିପକ୍ଷମାନଙ୍କ ନିକଟରେ ଲିଖିତ ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ହେଉନି। ଅପରପକ୍ଷରେ ସେମାନଙ୍କୁ ଉଚ୍ଛେଦ ସହ ବର୍ଷାଦିନରେ ନଦୀବନ୍ଧ ପ୍ରତି ବିପଦ ଯେପରି ଦେଖା ନ ଦେବ ସେଥିପାଇଁ ସମ୍ପୃକ୍ତ ବିଭାଗକୁ ତାଗିଦ୍ କରିବା ପାଇଁ ଅଦାଲତକୁ ପ୍ରାର୍ଥନା କରାଯାଇଛି। ଏଥିସହ ବେଆଇନ ଭାବେ ସରକାରୀ ଜମିରେ ନିର୍ମାଣ ହେଉଥିବା ଅଟ୍ଟାଳିକାଗୁଡ଼ିକ ତୁରନ୍ତ ଭଙ୍ଗାଯିବା ଲାଗି ଜିଲା ପ୍ରଶାସନ, ସ୍ଥାନୀୟ ତହସିଲଦାର ଓ ପୋଲିସକୁ ନିର୍ଦ୍ଦେଶ ଦେବା ଲାଗି ଆବେଦନକାରୀ ପିଟିଶନରେ ଦର୍ଶାଇଛନ୍ତି।

### ଖୋର୍ଦ୍ଧାରୋଡ ଆରପିଏଫ ହାଜତରେ ନିର୍ଯାତନା ମାମଲା

## ରିପୋର୍ଟ ଦାଖଲ ପାଇଁ ଆରପିଏଫ୍ ଡିଜିଙ୍କୁ ନିର୍ଦ୍ଦେଶ

କଟକ ଅଫିସ, ୨୦।୯

ଜଣେ କବାଡିଆ ଦୋକାନୀଙ୍କୁ ଖୋର୍ଦ୍ଧାରୋଡସ୍ଥିତ ରେଲୱେ ସୁରକ୍ଷା ବଳ (ଆର୍‌ପିଏଫ୍) ହାଜତରେ ନିର୍ଯାତନା ଦେବା ଘଟଣାରେ ଜାତୀୟ ମାନବାଧିକାର କମିଶନର (ଏନ୍‌ଏଚ୍‌ଆର୍‌ସି) ହସ୍ତକ୍ଷେପ କରିଛନ୍ତି। ଏହି ଘଟଣାରେ ଏନ୍‌ଏଚ୍‌ଆର୍‌ସି ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ ପାଇଁ ନୂଆଦିଲ୍ଲୀସ୍ଥିତ ଆର୍‌ପିଏଫ୍ ଡିଜିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ପୁରୀ ଜିଲା ପିପିଲି ଅଞ୍ଚଳର ଅମରେଶ ଗୁପ୍ତା(୪୫)ଙ୍କର ଏକ କବାଡିଆ ଦୋକାନ ରହିଛି। ଗତ ଜୁନ୍ ୧୭ରେ ଖୋର୍ଦ୍ଧାରୋଡ ଆର୍‌ପିଏଫ୍ ତାଙ୍କୁ ଗିରଫ କରିଥିଲା। ପରେ ତାଙ୍କୁ ପୋଲିସ ୫ ଦିନ ହାଜତରେ ରଖି ନିର୍ଯାତନା ଦେଇଥିଲା। ପୋଲିସ ଅମରେଶଙ୍କୁ ପ୍ଲାଷ୍ଟିକ ଓ ଲୁହାରଡରେ ଅତ୍ୟଧିକ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ନେଇ ଆଇନଜୀବୀ ନିଶିକାନ୍ତ ମିଶ୍ର ଏନ୍‌ଏଚ୍‌ଆର୍‌ସିରେ ଏକ ମାମଲା ରୁଜୁ କରିଥିଲେ। ଏହାର ଶୁଣାଣି କରି ଏନ୍‌ଏଚ୍‌ଆର୍‌ସି ଡିଜିଙ୍କୁ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି।

### କାଗଜ ବଣ୍ଡଲ ଧରାଇ ୫ ଲକ୍ଷ ଠକେଇ ଘଟଣା: ଆଉ ଜଣେ ଗିରଫ

# ୭.୨୬ଲକ୍ଷ ଟଙ୍କା, ୧୧୦ଖଣ୍ଡ ନକଲି ସୁନା ବିସ୍କୁଟ ଜବତ

କଟକ ରୋଡ,୨୦।୯(ଡି.ଏନ୍.ଏ)





**ଓଡ଼ିଶା, ଝାଡଖଣ୍ଡ ଓ ପଶ୍ଚିମବଙ୍ଗରେ ନେଟୱର୍କ**



କାଗଜ ବଣ୍ଡଲ ଧରାଇ ରାଜ୍ୟ ବାହାରର ଜଣେ ବ୍ୟବସାୟୀଙ୍କୁ ୫ଲକ୍ଷ ଟଙ୍କା ଠକିଥିବା ଘଟଣାରେ ସମ୍ପୃକ୍ତ ଥିବା ଆଉ ଜଣେ ଅଭିଯୁକ୍ତଙ୍କୁ କମିଶନରେଟ ପୋଲିସ ଶୁକ୍ରବାର ଗିରଫ କରିଛି। ସେ ହେଲେ ଜଗତ୍‌ସିହପୁର ଜିଲା କୁଜଙ୍ଗ ଅଞ୍ଚଳର ପ୍ରଭାତ ସାହୁ। ତାଙ୍କ ଠାରୁ ୭ଲକ୍ଷ ୨୬ହଜାର ଅସଲି ଟଙ୍କା, ଜାଲ୍ ଟଙ୍କା ସହ ୧୦ଗ୍ରାମ ଓଜନର ୧୧୦ଖଣ୍ଡ ନକଲି ସୁନା ବିସ୍କୁଟ ଜବତ ହୋଇଛି।

ପୋଲିସ ସୂଚନା ଅନୁଯାୟୀ, ଉକ୍ତ ଗ୍ୟାଙ୍ଗ କିଛି ମାସ ହେବ କୌଣସି ଉପାୟରେ ବିଭିନ୍ନ ବ୍ୟକ୍ତିଙ୍କ ଟେଲିଫୋନ ନମ୍ବର ସଂଗ୍ରହ କରିଥାନ୍ତି। ମୁଖ୍ୟତଃ ରାଜ୍ୟ ବାହାର ବ୍ୟବସାୟୀଙ୍କ ମୋବାଇଲ ନମ୍ବରକୁ ଫୋନ କରି ଅଭିଯୁକ୍ତମାନେ କଳା ଟଙ୍କା ଓ ମାଟିତଳୁ ମିଳିଥିବା ବହୁ ପରିମାଣ ସୁନାକୁ ବଦଳାଇବା ପାଇଁ ପ୍ରବର୍ତ୍ତାଇଥାନ୍ତି। ଗତ ୧୮ତାରିଖରେ ଅଭିଯୁକ୍ତମାନେ ଝାଡଖଣ୍ଡ ରାଜ୍ୟର ବ୍ୟବସାୟୀ ରୋହିତ କୁମାର ବର୍ମାଙ୍କୁ ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ଅଞ୍ଚଳକୁ ଡାକିଥିଲେ। ତାଙ୍କୁ ୪ଟି କାଗଜ ବଣ୍ଡଲ ଦେଇ ୫ଲକ୍ଷ ଟଙ୍କା ଠକିବା ବେଳେ ସମ୍ପୃକ୍ତ ବ୍ୟବସାୟୀ ପଶ୍ଚିମବଙ୍ଗ ହୁଗୁଳି ଅଞ୍ଚଳର ପ୍ରଦୀପ ମାଇତି ଓ ଯାଜପୁର ଜିଲା ବିଞ୍ଝାରପୁର ଥାନା ଅଧୀନ ରୁଦ୍ରପୁର ଗ୍ରାମର ରାଜେନ୍ଦ୍ର କୁମାର ଦାସଙ୍କୁ ଧରି ପୋଲିସ ଜିମା ଦେଇଥିଲେ। ରୋହିତଙ୍କ ଅଭିଯୋଗକ୍ରମେ ଲକ୍ଷ୍ମୀସାଗର ପୋଲିସ ମାମଲା (ନଂ.୨୬୧/୧୯)ରୁଜୁ କରିବା ସହ ୧୯ତାରିଖରେ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପୋଲିସ ଉକ୍ତ ଅଭିଯୁକ୍ତଙ୍କୁ ପଚରାଉଚରା ବେଳେ ଏଥିରେ ପ୍ରଭାତଙ୍କ ସମ୍ପୃକ୍ତି ଥିବା ଜାଣିବାକୁ ପାଇଥିଲା। ଧରାପଡ଼ିଥିବା ଗ୍ୟାଙ୍ଗର ୩ ସଦସ୍ୟ ଓଡ଼ିଶା, ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ଅଞ୍ଚଳରେ ଠକେଇ ନେଟୱର୍କ ଚଳାଇଥିବା ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି ବୋଲି ଜଣେ ପୋଲିସ ଅଧିକାରୀ କହିଛନ୍ତି। ଅନ୍ୟପକ୍ଷରେ ପୂର୍ବରୁ ଗିରଫ ହୋଇଥିବା ଅଭିଯୁକ୍ତଙ୍କ ନାମରେ ବଡ଼ଗଡ଼ ଥାନାରେ ଠକେଇ ମାମଲା ରହିଥିବା ବେଳେ ପ୍ରଭାତଙ୍କ ଆପରାଧିକ କାର୍ଯ୍ୟକଳାପ ବାବଦରେ ମଧ୍ୟ ପୋଲିସ ତଦନ୍ତ ଚଳାଇଛି। ପ୍ରଭାତଙ୍କଠାରୁ ଜବତ ହୋଇଥିବା ଜାଲ୍ ନୋଟ ଓ ନକଲି ସୁନା ବିସ୍କୁଟ କେଉଁଠାରେ ପ୍ରସ୍ତୁତ ହେଉଥିଲା ସେନେଇ କମିଶନରେଟ ପୋଲିସ ତଦନ୍ତ ପରିସରଭୁକ୍ତ କରିଛି। ପ୍ରଭାତଙ୍କ ନାମରେ ପୁରୀ ଜିଲାରେ ମାମଲା ରହିଛି। ଆବଶ୍ୟକ ପଡ଼ିଲେ ତାଙ୍କୁ ରିମାଣ୍ଡରେ ନିଆଯିବ ବୋଲି ଭୁବନେଶ୍ୱର ଡିସିପି ଅନୁପ ସାହୁ କହିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



ସୁମନ



ବିକାଶ



ମୁନା



ସୁବିର



ପ୍ରଶାନ୍ତ



ନାରାୟଣ



ତୋଫା

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/



ଯଦି ନୀଚ ଲୋକଠାରେ ଦିବ୍ୟଗୁଣ ଥାଏ, ତାକୁ ଦରକାର ହେଲେ ଗ୍ରହଣ କରିବା ଉଚିତ୍।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ଟ୍ରେଲର ପଛରେ ପିଟିଲା ହାଇୱା, ୨ ମୃତ

**ବାଲିଅନ୍ତା,୨୦।୯(ଡି.ଏନ.ଏ.):** ଭୁବନେଶ୍ୱର-କଟକ ୧୬ନଂ ଜାତୀୟ ରାଜପଥର ପାହାଳ ନିକଟ ୨୨ତାଲା ସମ୍ମୁଖରେ ଶୁକ୍ରବାର ରାତି ୮ଟାବେଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଲୁହା ପ୍ଲେଟ ବୋଝେଇ ଟ୍ରେଲର ପଛରେ ଚିପ୍ସ ବୋଝେଇ ଏକ ହାଇୱା ଧକ୍କା ଦେବାରୁ ଘଟଣାସ୍ଥଳରେ ଡ୍ରାଇଭର ଓ ହେଲପରଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ପରିଚୟ ମିଳିପାରି ନ ଥିବାବେଳେ ଧକ୍କା ଏତେ ଜୋରରେ ହୋଇଥିଲା ଯେ, ଡ୍ରାଇଭର ଓ ହେଲପର ଚାପି ହୋଇ ରହିଯାଇଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀ ଓ ଓଡ୍ରାଫ ଟିମ ପହଞ୍ଚି ଫସିରହିଥିବା ଡ୍ରାଇଭରଙ୍କୁ ବାହାର କରିବା ପାଇଁ ଉଦ୍ୟମ କରିଥିଲେ। କଟର ମେଶିନ ଦ୍ୱାରା ହାଇୱାର ଡାଲାକୁ କଟାଯାଇ ଦୁଇଘଣ୍ଟା ପରେ ଡ୍ରାଇଭରଙ୍କୁ ବାହାର କରିଥିଲେ ସୁଦ୍ଧା ତାଙ୍କ ଗୋଡଟି ଆଗବଡିରେ ଲାଗିଯାଇଥିଲା। ଦୀର୍ଘ ୩ଘଣ୍ଟାର ଚେଷ୍ଟା ପରେ ସମ୍ପୂର୍ଣ୍ଣ ପଦାକୁ ବାହାର କରାଯାଇଥିଲେ ମଧ ଡ୍ରାଇଭରଙ୍କ ପ୍ରାଣବାୟୁ ଉଡିଯାଇଥିଲା। ସ୍ଥାନୀୟ ପୋଲିସ ପହଞ୍ଚି ଉଭୟଙ୍କୁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲେ। ଦୁର୍ଘଟଣା ଯୋଗୁ ୩ ଘଣ୍ଟା ପର୍ଯ୍ୟନ୍ତ ରାସ୍ତାରେ ଟ୍ରାଫିମ ଜାମ ଲାଗି ରହିଥିବାବେଳେ ବାଲିଅନ୍ତା ଓ ପାହାଳ ଫାଣ୍ଡି ଚଳାଚଳ ବ୍ୟବସ୍ଥା କରିଥିଲେ। ମିଳିଥିବା ସୂଚନା ମୁତାବକ, ଏହି ଦୁର୍ଘଟଣା ଘଟିବା କିଛି ସମୟ ପୂର୍ବରୁ ଏକ ବିରି ବୋଝେଇ ୪୦୭ ଗାଡି ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତା ମଝିରେ ଓଲଟି ପଡିଥିଲା। ତେବେ ପଛରୁ ଆସୁଥିବା ଟ୍ରେଲରଟି ଜୋରରେ ବ୍ରେକ ମାରିଥିଲା। ଘଟଣା ସ୍ଥାନଟି ଫ୍ଲାଏ ଓଭର ବ୍ରିଜ ଗଡ଼ାଣି ହୋଇଥିବାରୁ ପଛରୁ ଆସୁଥିବା ଚିପ୍ସ ବୋଝେଇ ହାଇୱା ମଧ ଧକ୍କା ହୋଇଥିଲା।

### ସରକାରୀ ଜମିରୁ ହଟିଲା ଜବରଦଖଲ

**ଭୁବନେଶ୍ୱର,୨୦।୯(ବ୍ୟୁରୋ):** ମିଳିତ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ପକ୍ଷରୁ ଶୁକ୍ରବାର ମଞ୍ଚେଶ୍ୱର ଥାନା ଅଧୀନ ପାଣ୍ଡରା ମୌଜାରେ ସରକାରୀ ଜମିରେ ଥିବା ଜବରଦଖଲକୁ ଉଚ୍ଛେଦ କରାଯାଇଛି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ), ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଏବଂ କମିଶନରେଟ ପୋଲିସ୍‌ର ମିଳିତ ସ୍କ୍ୱାଡ୍ ପକ୍ଷରୁ ପୂର୍ବାହ୍ନ ୧୦ଟା ୩୦ରୁ ଏହି ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଥିଲା। ଜିଏ ଏବଂ ପିଜି ବିଭାଗ ଦ୍ୱାରା ଜାରି ହୋଇଥିବା ଚିଠି ନଂ. ୧୮୮୦ କ୍ରମେ ଜବରଦଖଲ ଉଚ୍ଛେଦ କରାଯାଇଛି। ଏଥିରେ ଗୋଟିଏ ଅସ୍ଥାୟୀ ଘର ସହ ପାଚେରିକୁ ଭଙ୍ଗାଯାଇଛି। ଏହି ସମୟରେ ଉଚ୍ଛେଦ ଅଧିକାରୀ- ୨ ପ୍ରମୋଦ କୁମାର ପାତ୍ର, ଯୋଗସୂତ୍ର ଅଧିକାରୀ ସୁଧାଂଶୁ ଶେଖର ମହାନ୍ତି, ମଞ୍ଚେଶ୍ୱର ଥାନା ଏସ୍‌ଆଇ ସନ୍ତୋଷ କୁମାର ଶତପଥୀ, ପ୍ରଶାସନିକ ବିଭାଗ କର୍ମଚାରୀ ଶାରୀ ନାରାୟଣ ବେହେରାଙ୍କ ସମେତ ପୋଲିସ୍ ଫୋର୍ସ ଏବଂ ମିଳିତ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍‌ର ୧ ଓ ୪ ଟିମ୍ ଉପସ୍ଥିତ ଥିଲେ।

### ବେଆଇନ ମୋରମ ଚାଲାଣ ଅଭିଯୋଗ, ୪ ଅଟକ

**୩ ହାଇୱା, ଗୋଟିଏ ଜେସିବି ଜବତ**

**ବାରଙ୍ଗ,୨୦।୯(ଡି.ଏନ.ଏ.):** ମେଣ୍ଢାଶାଳ ଅଞ୍ଚଳରେ ବେଆଇନ ଭାବେ ଗତ କିଛିଦିନ ହେବ ମୋରମ ଚାଲାଣ ହେଉଥିବାର ଅଭିଯୋଗ ହେଉଛି। ଏହା ପୁଣି ମେଣ୍ଢାଶାଳ ଫାଣ୍ଡି ପୋଲିସ ଓ ମେଣ୍ଢାଶାଳ ରାଜସ୍ୱ ବିଭାଗ ଅଧିକାରୀଙ୍କ ଜ୍ଞାତସାରରେ ହେଉଥିବା ଜଣାପଡିଛି। ଏହାଦ୍ୱାରା ସରକାରଙ୍କର ଲକ୍ଷାଧିକ ଟଙ୍କାର ରାଜସ୍ୱ କ୍ଷତି ଘଟୁଥିବାବେଳେ ବ୍ୟବସାୟିକ ଭାବେ ସ୍ଥାନୀୟ ଟ୍ରକ ମାଲିକମାନେ ଲାଭବାନ ହେଉଥିବା ବେଳେ ବ୍ୟବସାୟକୁ ବୃଦ୍ଧି କରିବାରେ ଲାଗିଛନ୍ତି। ଅନ୍ୟପଟେ ଏହି ମହରମ ଚାଲଣ ହେଉଥିବାରୁ ବଡ଼ବଡ଼ ଗର୍ତ୍ତମାନ ସୃଷ୍ଟି ହୋଇ ଗୃହପାଳିତ ପଶୁମାନଙ୍କ ପାଇଁ ବିପଦ ସାଜୁଛି। ଫଳରେ ସ୍ଥାନୀୟ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ଗୁରୁବାର ବିଳମ୍ବିତ ରାତିରେ ଚନ୍ଦକା ଥାନା ପୋଲିସ କୌଣସିସୂତ୍ରରୁ ଖବରପାଇ ମେଣ୍ଢାଶାଳ ଅଞ୍ଚଳରୁ ବେଆଇନ ଭାବେ ମହରମ ଖୋଳି ଆଣିଥିବାବେଳେ ଚଢ଼ାଉ କରିଥିଲା। ଏଥିରେ ପୋଲିସ ୩ଟି ହାଇୱା(ନଂ. ଓଡି୦୨ଏଭି-୫୫୧୧, ଓଡି୦୨ଏଏନ-୫୫୧୧ ଓ ଓଡି୦୨ଏଡବ୍ଲୁ-୫୫୧୧) ସହ ଏକ ଜେସିବି ଗାଡ଼ି (ଓଡି୦୨-ଏଏଫ-୪୪୧୧)କୁ ଜବତ କରିଛି। ଏହାସହ ୪ ଗାଡ଼ିର ଚାଳକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।

# ଏଥର ପ୍ରଦୂଷଣମୁକ୍ତ ଦଶହରା

**ଭୁବନେଶ୍ୱର,୨୦।୯(ବ୍ୟୁରୋ)**

ଭୁବନେଶ୍ୱରରେ ଏଥର ଦେଖିବାକୁ ମିଳିବ ପ୍ଲାଷ୍ଟିକ୍ ଓ ଶବ୍ଦ ପ୍ରଦୂଷଣମୁକ୍ତ ଦଶହରା। ସହରରେ ବଢୁଥିବା ପ୍ରଦୂଷଣକୁ ଦୃଷ୍ଟିରେ ରଖି ଚଳିତବର୍ଷ ପୂଜାକୁ ଶବ୍ଦ, ବାୟୁ ଓ ପରିବେଶ ପ୍ରଦୂଷଣରୁ ମୁକ୍ତ ରଖିବାକୁ ପ୍ରଚେଷ୍ଟା କରାଯିବ। ଗତବର୍ଷ ଭଳି ଏଥର ମଧ୍ୟ ପୂଜାର ମୁଖ୍ୟ ଉଦ୍ଦେଶ୍ୟ ରହିବ ଯଥାସମ୍ଭବ କମ୍ ପ୍ଲାଷ୍ଟିକ୍‌ର ବ୍ୟବହାର। ସମସ୍ତ ପୂଜା କମିଟି ଏନେଇ ସହଯୋଗ କରିବାକୁ ସହମତି ପ୍ରକାଶ କରିଥିବାବେଳେ ରାଜଧାନୀର ପ୍ରମୁଖ ପୂଜାମଣ୍ଡପଗୁଡ଼ିକ ଏ ଦିଗରେ ଅଧିକ ସଚେତନ ହେବେ। କେବଳ ଏତିକି ନୁହେଁ, ଅଯଥା ଶକ୍ତି ଅପଚୟ ନ କରିବା ଉପରେ ମଧ ପୂଜା ମଣ୍ଡପଗୁଡିକ ଗୁରୁତ୍ୱ ଦେବେ। ଅଧିକାଂଶ ମଣ୍ଡପ ମୂର୍ତ୍ତି ପ୍ରସ୍ତୁତ ପାଇଁ ରାସାୟନିକ ରଙ୍ଗର ବ୍ୟବହାର ନ କରି ଭେଜିଟେବୁଲ କଲର୍ ବା ପ୍ରାକୃତିକ ରଙ୍ଗର ବ୍ୟବହାର କରିବେ।

୨୦୧୯ ଦୁର୍ଗାପୂଜା ଯେପରି ଶାନ୍ତିଶୃଙ୍ଖଳାର ସହ ଶେଷ ହେବ ସେଥିଲାଗି ପୂଜାମଣ୍ଡପଗୁଡିକ ସମସ୍ତ ବ୍ୟବସ୍ଥା ଆପଣାଇବାକୁ ରାଜଧାନୀ ଶାନ୍ତି କମିଟି ପକ୍ଷରୁ ପରାମର୍ଶ ଦିଆଯାଇଛି। ସେହିଭଳି ବୟସ୍କ ଓ ଭିନ୍ନକ୍ଷମଙ୍କ ପାଇଁ ପ୍ରତି ପୂଜାମଣ୍ଡପରେ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା କରିବାକୁ କୁହାଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାହେଲା ଶବ୍ଦ ପ୍ରଦୂଷଣ ଉପରେ ଲାଗିଥିବା କଟକଣା ଯୋଗୁ ଚଳିତ ବର୍ଷ ପୂଜାରେ ପ୍ରତି ପୂଜାମଣ୍ଡପ ଏକ ନିର୍ଦ୍ଦିଷ୍ଟ ପରିସୀମା ମଧ୍ୟରେ ମାଇକ୍ରୋଫୋନ୍ ଓ ସାଉଣ୍ଡ ସିଷ୍ଟମ ବ୍ୟବହାର କରିବେ। ମାଇକ୍ରୋଫୋନ୍‌ରେ କେବଳ ଶ୍ଳୋକାବୃତ୍ତି, ଚଣ୍ଡୀପାଠ, ଗୀତାପାଠ ଓ ଅନ୍ୟାନ୍ୟ ପୂଜାକର୍ମ କରିବେ। ମେଲୋଡି ଓ ଭଜନ ସମାରୋହରେ କେବଳ ସାଉଣ୍ଡ ବକ୍ସ ଆଇନ୍ ଅନୁମୋଦନ ଅନୁଯାୟୀ ବ୍ୟବହାର କରାଯିବ। ଗୀତ ବଜାଇବାବେଳେ ଯେପରି ସ୍ଥାନୀୟ ଲୋକ ହଇରାଣ ହେବେନି ସେଥିପାଇଁ ଭଲ୍ୟୁମ୍‌ର ଏକ ନିର୍ଦ୍ଦିଷ୍ଟ ଲିମିଟ୍ ରହିବ। ସେହିଭଳି ଭସାଣି ବେଳେ ଡିଜେ ଓ ଧୁମ୍‌ଧଡାକ ଗୀତ ପରିବର୍ତ୍ତେ ପୂଜା କମିଟି ପକ୍ଷରୁ ପାରମ୍ପରିକ ବାଦ୍ୟର ବ୍ୟବହାର କରିବା ଉପରେ ଗୁରୁତ୍ୱ ଦିଆଯିବ।

### ପ୍ଲାଷ୍ଟିକ୍ ମୁକ୍ତ ପୂଜା

ଆସନ୍ତା ଅକ୍ଟୋବର ୨ରୁ ପ୍ଲାଷ୍ଟିକ୍ ବ୍ୟବହାର ଉପରେ କଟକଣା ଲାଗିବାକୁ ଥିବାବେଳେ ଚଳିତ ପାର୍ବଣର ମୁଖ୍ୟ ପ୍ରସଙ୍ଗ ରହିବ ପ୍ଲାଷ୍ଟିକ୍ ମୁକ୍ତ ପୂଜା। ମଣ୍ଡପଗୁଡ଼ିକ ଯଥାସମ୍ଭବ କମ୍ ପ୍ଲାଷ୍ଟିକ୍‌ର ବ୍ୟବହାର କରି ପୂଜା ଆୟୋଜନ କରିବା ସହ ଏନେଇ ସାଧାରଣ ଲୋକଙ୍କୁ ମଧ ସଚେତନ କରିବେ। ରାଜଧାନୀର ଅଧିକାଂଶ ମଣ୍ଡପରେ ପଲିଥିନ୍ ବ୍ୟବହାରକୁ ସମ୍ପୂର୍ଣ୍ଣ ବାରଣ କରାଯିବ। ପାଉଚ୍ ପାଣିକୁ ମଧ ବର୍ଜନ କରାଯିବ। ଚନ୍ଦ୍ରଶେଖରପୁରସ୍ଥିତ ଡିଷ୍ଟ୍ରିକ୍ଟ ସେଣ୍ଟର ଓନର୍ସ ଆସୋସିଏଶନ୍ (ଡିସିଓଏ) ଏବଂ ନୟାପଲ୍ଲୀ ପୂଜା କମିଟି ପ୍ଲାଷ୍ଟିକ୍ ଫ୍ରି ପୂଜା ଆୟୋଜନ କରିବାକୁ ଘୋଷଣା କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଥିବାବେଳେ ଝାରପଡ଼ା, ଶହୀଦନଗର ଭଳି ଅନ୍ୟ କେତେକ ପୂଜା ମଣ୍ଡପ ମଧ ଏହାକୁ ଅନୁକରଣ କରିବେ। ଏପରିକି କିଛି ମଣ୍ଡପ ଏଥର ଚାରା ବଣ୍ଟନ କରିବାକୁ ଘୋଷଣା କରିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାହେଲା ମା’ ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତିରେ ରାସାୟନିକ ରଙ୍ଗର ବ୍ୟବହାର ନ କରିବାକୁ ମଣ୍ଡପଗୁଡ଼ିକ ଏଥର ଗୁରୁତ୍ୱ ଦେଉଥିବାବେଳେ ନଦୀ ପରିବର୍ତ୍ତେ ବିଏମ୍‌ସି ପକ୍ଷରୁ ପ୍ରସ୍ତୁତ ଅସ୍ଥାୟୀ ପୁଷ୍କରିଣୀରେ ବିସର୍ଜନ କରାଯିବ। ଚଳିତବର୍ଷ ପ୍ଲାଷ୍ଟିକ୍ ବ୍ୟବହାର ନ କରିବାକୁ ରାଜଧାନୀ ଶାନ୍ତି କମିଟି ପକ୍ଷରୁ ସମସ୍ତଙ୍କୁ ନିବେଦନ କରାଯାଇଥିବା କମିଟି ସମ୍ପାଦକ ନବକିଶୋର ବେହେରା କହିଛନ୍ତି।

### ଜବରଦସ୍ତ ଚାନ୍ଦା ଆଦାୟକୁ ବିରୋଧ

ଚାନ୍ଦା ଆଦାୟ କ୍ଷେତ୍ରରେ ଯେପରି ଲୋକଙ୍କୁ ଜୋର୍ ଜବରଦସ୍ତ କରାଯିବନାହିଁ ସେଥିପ୍ରତି ପ୍ରାଥମିକତା ଦିଆଯିବ। କିଛି ମଣ୍ଡପ ଏ ଦିଗରେ ପଦକ୍ଷେପ ନେଇ ଆଗରେ ରହିଥିବାବେଳେ ଆଉ କିଛି ଏହାକୁ ସମର୍ଥନ କରିଛନ୍ତି। ତଥାପି କିଛି ପୂଜା ମଣ୍ଡପ ଏହା ବିରୋଧରେ ଯାଇ ଅନୈତିକ ଭାବେ ଛୋଟ ଛୋଟ ବେପାରୀଙ୍କ ଠାରୁ ମୋଟା ଅଙ୍କର ଚାନ୍ଦା ଆଦାୟ କରୁଥିବା ଅଭିଯୋଗ ହୋଇଛି। ଏଭଳି ସ୍ଥଳେ ଭିଏସ୍‌ଏସ୍ ନଗର ସାର୍ବଜନୀନ ଦୁର୍ଗାପୂଜା ସମିତି ଆଗରୁ ରହିଆସିଥିବା ପରମ୍ପରା ଅନୁଯାୟୀ ମା’ଙ୍କ ପୂଜା ପାଇଁ ସଂଗୃହୀତ ଦାନ ଓ ଖର୍ଚ୍ଚର ହିସାବ ଅଡିଟ୍ କରିବା ସହ ତାହାକୁ କଲୋନୀ ବାସିନ୍ଦାଙ୍କୁ ପ୍ରଦାନ କରିବ।



ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଯୁବ ସାମ୍ମୁଖ୍ୟ ପକ୍ଷରୁ ଶୁକ୍ରବାର କୁଆଖାଇ ନଦୀପଠାକୁ ପ୍ଲାଷ୍ଟିକ୍‌ମୁକ୍ତ କରିବା ପାଇଁ ସଫେଇ କରାଯାଉଛି।

# ସାଇ ଇଣ୍ଟରନ୍ୟାଶନାଲ ସ୍କୁଲରେ ଖୋଲାଯିବ ଇଂଲିଶ ଶିକ୍ଷା କେନ୍ଦ୍ର



ସ୍କୁଲ ପରିଦର୍ଶନ ଅବସରରେ ବ୍ରିଟିଶ୍ କାଉନ୍‌ସିଲ୍ ଇଣ୍ଡିଆର ନିର୍ଦ୍ଦେଶକ ବାର୍ବାରା ୱିକହାମ।

**ଭୁବନେଶ୍ୱର,୨୦।୯(ବ୍ୟୁରୋ)**

ବ୍ରିଟିଶ୍ କାଉନ୍‌ସିଲ୍ ଇଣ୍ଡିଆର ନିର୍ଦ୍ଦେଶକ ବାର୍ବାରା ୱିକହାମ୍ ଓବିଇ ଶୁକ୍ରବାର ନିଜର ପ୍ରଥମ ଅଫିସିଆଲ୍ ଟୁର୍‌ରେ ପୂର୍ବୋତ୍ତର ଭାରତ ଗସ୍ତ କରିଥିଲେ। ଏହି କ୍ରମରେ ସେ ସ୍ଥାନୀୟ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ପରିଦର୍ଶନ କରିଥିଲେ। ତାଙ୍କ ସହ ବ୍ରିଟିଶ୍ କାଉନ୍‌ସିଲ୍ ଇଣ୍ଡିଆର ପୂର୍ବ ଓ ପୂର୍ବୋତ୍ତର ଭାରତର ନିର୍ଦ୍ଦେଶକ ଦେବଞ୍ଜନ ଚକ୍ରବର୍ତ୍ତୀ ଓ ସମନ୍ୱୟ ଅଧିକାରୀ ପରମିତା ଚୌଧୁରୀ ମଧ୍ୟ ଯୋଗଦେଇଥିଲେ। ବାର୍ବାରା ୱିକହାମ୍ କହିଥିଲେ ଯେ, ଉଚ୍ଚ ଶିକ୍ଷା କ୍ଷେତ୍ରରେ ବରିଷ୍ଠ ଛାତ୍ରୀଛାତ୍ରଙ୍କ ପାଇଁ ବ୍ରିଟେନରେ ସମ୍ପୂର୍ଣ୍ଣ ସୁଯୋଗ ରହିଛି। ରାଜ୍ୟର ଛାତ୍ରୀଛାତ୍ର, ଯୁବପିଢ଼ି, ଶିକ୍ଷୟତ୍ରୀ ଶିକ୍ଷକ ଓ ପ୍ରଫେସନାଲଙ୍କ ପାଇଁ ଖୁବ୍‌ଶୀଘ୍ର ସାଇ ଇଣ୍ଟରନ୍ୟାଶନାଲ ସ୍କୁଲରେ ଏକ ଇଂଲିଶ ଶିକ୍ଷା କେନ୍ଦ୍ର ଖୋଲାଯିବା ପାଇଁ ପରିଦର୍ଶନ ଦଳ ତରଫରୁ ନିଷ୍ପତ୍ତି ନିଆଯାଇଥିଲା। ବ୍ରିଟିଶ୍ କାଉନ୍‌ସିଲ୍ ଓ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ସହଯୋଗୀତାକୁ ସେ ପ୍ରଶଂସା କରିବା ସହିତ ଆଗାମୀ ଦିନରେ ବ୍ରିଟିଶ୍ କାଉନ୍‌ସିଲ୍ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ମାଧ୍ୟମରେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ସହିତ ସମ୍ବନ୍ଧ ଦୃଢ଼ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସାଇ ଇଣ୍ଟରନ୍ୟାଶନାଲ ଏଜୁକେଶନ୍ ଗ୍ରୁପ୍‌ର ଫାଉଣ୍ଡର ଡ. ବିଜୟ କୁମାର ସାହୁ, ସିନିୟର ପ୍ରିନ୍ସିପାଲ ନୀଳକଣ୍ଠ ପାଣିଗ୍ରାହୀ ଓ ଭାଇସ୍ ଚେୟାରପର୍ସନ ଡ. ଶିଲ୍ପୀ ସାହୁ ଉପସ୍ଥିତ ଥିଲେ।

# ବିପର୍ଯ୍ୟୟ ବିପଦ ହ୍ରାସ ପାଇଁ ମିଳିତ ଉଦ୍ୟମ ଜରୁରୀ

**ଭୁବନେଶ୍ୱର, ୨୦।୯(ବ୍ୟୁରୋ)**

ଉତ୍କଳ ବିଶ୍ୱବିଦ୍ୟାଳୟର ଲୋକ ପ୍ରଶାସନ ବିଭାଗ ଏବଂ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓସ୍‌ଡମା)ଙ୍କ ମିଳିତ ଆନୁକୂଲ୍ୟରେ ‘ବିପର୍ଯ୍ୟୟ ବିପଦ ହ୍ରାସ ଓ ଅଣ୍ଟାସଳଖି ଠିଆ ହେବା’ ଶୀର୍ଷକ ସହ ଦୁଇଦିନିଆ ଆନ୍ତର୍ଜାତିକ ସମ୍ମିଳନୀ ଶୁକ୍ରବାର କୃଷିଭବନଠାରେ ଉଦ୍‌ଘାଟିତ ହୋଇଯାଇଛି। ଓସ୍‌ଡମାର ପରିଚାଳନା ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରଦୀପ କୁମାର ଜେନା ସମ୍ମିଳନୀକୁ ଉଦ୍‌ଘାଟନ କରି କହିଥିଲେ ଯେ, ଓଡ଼ିଶାର ଭୌଗୋଳିକ ଅବସ୍ଥିତି ଏହି ରାଜ୍ୟକୁ ଏକ ପ୍ରାକୃତିକ ବିପର୍ଯ୍ୟୟ ରାଜ୍ୟ ଭାବେ ପରିଗଣିତ କରିଛି। ୧୯୯୯ ମହାବାତ୍ୟା ପରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ସକାରାତ୍ମକ ପରିବର୍ତ୍ତନ ଆସିଛି। ପରେ ଫାଇଲିନ୍, ହୁଡ୍‌ହୁଡ୍ ଏବଂ ତିତ୍‌ଲି ଭଳି ବିପର୍ଯ୍ୟୟକୁ ସରକାର ସଫଳତାର ସହ ପରିଚାଳନା କରିଛନ୍ତି। ଭୟଙ୍କର ବାତ୍ୟା ‘ଫନୀ’ର ମୁକାବିଲା ପାଇଁ ପ୍ରାକ୍ ପ୍ରସ୍ତୁତି ଏବଂ ଠିକ୍ ସଂଯୋଜନା କରାଯିବା ଦ୍ୱାରା ବହୁବିଧ ଧ୍ୱଂସ ଓ ଅପୂରଣୀୟ କ୍ଷତିକୁ ରୋକାଯାଇପାରିଛି। ‘ଫନୀ’ ର ସୁଦକ୍ଷ ପରିଚାଳନା ପାଇଁ ବିଶ୍ୱ ଦରବାରରେ ଓଡ଼ିଶା ପ୍ରଶଂସିତ ହୋଇପାରିଛି। ତେଣୁ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିପଦ ହ୍ରାସ ପାଇଁ ମିଳିତ ଉଦ୍ୟମ ଜରୁରୀ ବୋଲି ଜେନା କହିଛନ୍ତି। କାର୍ଯ୍ୟକ୍ରମରେ ଜବାହରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟର ସ୍ପେଶାଲ ସେଣ୍ଟର ଫର୍ ଡିଜାଷ୍ଟର ରିସର୍ଚ୍ଚ(ଏସ୍‌ଡିଆର୍)ର ଚେୟାର୍‌ପର୍ଶନ୍ ପ୍ରଫେସର ଅମିତା ସିଂହ ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟକୁ କିଭଳି ମୁକାବିଲା କରାଯାଇପାରିବ ସେ ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା କରିଥିଲେ। ଏଥିରୁ ବାହାରିବାକୁ ଥିବା ନିର୍ଯାସ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବ ବୋଲି ବିଶ୍ୱବିଦ୍ୟାଳୟର ଲୋକ ପ୍ରଶାସନ ବିଭାଗ ମୁଖ୍ୟ ପ୍ରଫେସର ସ୍ୱର୍ଣ୍ଣମୟୀ ତ୍ରିପାଠୀ କହିଥିଲେ। ଏହି ଦୁଇଦିନିଆ ସମ୍ମିଳନୀରେ ଜାତୀୟ ତଥା ଅନ୍ତର୍ଜାତୀୟ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବହୁ ଶିକ୍ଷାବିତ୍, ଗବେଷକ, ଅଧ୍ୟାପକ ଯୋଗଦେଇଛନ୍ତି।

### ନାବାଳିକାଙ୍କୁ ଅସଦାଚରଣ, ଅଭିଯୁକ୍ତ ଗିରଫ

**ବାଲିଅନ୍ତା,୨୦।୯(ଡି.ଏନ.ଏ.)**

ବାଲିଅନ୍ତା ଥାନା ଅଞ୍ଚଳରେ ଜଣେ ୧୩ ବର୍ଷୀୟା ନାବାଳିକାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ପୋଲିସ ଶୁକ୍ରବାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ତଳଗଡ଼ ଗ୍ରାମର ଚକ୍ରଧର ଭୋଇ(୫୪)। ତଦନ୍ତକାରୀ ଅଧିକାରୀ ତୃପ୍ତିମୟୀ ରାଉତଙ୍କ ସୂଚନା ଅନୁଯାୟୀ, ଚକ୍ରଧରଙ୍କ ଘରେ ନାବାଳିକା ଜଣଙ୍କ ଟିଉଶନ ହୁଅନ୍ତି। ଗୁରୁବାର ସକାଳେ ୯ଟାରେ ଟିଉଶନ ବେଳେ ଏକ ବହି ଛାଡ଼ି ଦେଇଥିବାରୁ ଆଣିବା ପାଇଁ ନାବାଳିକା ଯାଇଥିବାବେଳେ ଏକାଦେଖି ଚକ୍ରଧର ତାଙ୍କୁ ଅସଦାଚରଣ କରିଥିଲେ। ଏ ନେଇ ନାବାଳିକା ତାଙ୍କ ମାଆଙ୍କୁ ଜଣାଇବା ପରେ ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୋଲିସ ୩୫୪(ଏ), ୫୦୬, ୮ପୋକ୍ସ ଧାରାରେ ୨୩୨/୧୯ନଂ.ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଧରିଥିଲେ।

### ଲଣ୍ଡା ହତ୍ୟା ଘଟଣା: ଫେରାର ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୨୦।୯(ବ୍ୟୁରୋ)**

ମଞ୍ଚେଶ୍ୱର ଥାନା ଅଧୀନ ରଙ୍ଗମାଟିଆ ଗ୍ରାମର ଦୀପକ ବେହେରା ଓରଫ ଲଣ୍ଡା ହତ୍ୟାକାଣ୍ଡରେ ସମ୍ପୃକ୍ତି ଥାଇ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ଶୁକ୍ରବାର ପୋଲିସ ଗିରଫ କରିଛି। ସେ ହେଲେ ରଙ୍ଗମାଟିଆ ଉପରସାହିର ଚାଇନା ଚେମି(୨୦)। ଜମି କିଣାବିକାକୁ ନେଇ ଲଣ୍ଡା ଓ ମୁଖ୍ୟ ଅଭିଯୁକ୍ତ ସୌମ୍ୟରଞ୍ଜନ ପରିଡ଼ା ଓରଫ ପିକନଙ୍କ ମଧ୍ୟରେ ପୂର୍ବରୁ ଶତ୍ରୁତା ରହିଥିଲା। ୩ମାସ ତଳେ ଏକ ବିବାହ ଭୋଜିରେ ଲଣ୍ଡା ଅପରପକ୍ଷର ଲୋକାଙ୍କୁ ଆକ୍ରମଣ କରିଥିଲେ। ଏଥିରେ ସୌମ୍ୟରଞ୍ଜନଙ୍କ ୭ଜଣ ସହଯୋଗୀ ମିଶି ଗତ ୯ତାରିଖରେ ଲଣ୍ଡାଙ୍କୁ ହତ୍ୟା କରିଥିଲେ।

# କେୟାର ହସ୍ପିଟାଲରେ ହାର୍ଟ, ଲଙ୍ଗ୍‌ସ ପ୍ରତ୍ୟାରୋପଣ ଚିକିତ୍ସା

**ଭୁବନେଶ୍ୱର,୨୦।୯**

କେୟାର ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ହାର୍ଟ ଏବଂ ଲଙ୍ଗ୍ (ହୃଦ, ଫୁସଫୁସ) ପ୍ରତ୍ୟାରୋପଣ ଚିକିତ୍ସା ସୁବିଧା ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଖ୍ୟାତି ସମ୍ପନ୍ନ ହାର୍ଟ ଓ ଲଙ୍ଗ୍ ପ୍ରତ୍ୟାରୋପଣ ବିଶେଷଜ୍ଞ ଡ. କେ.ଆର୍ ବାଲକ୍ରିଷ୍ଣନ, ଚିକିତ୍ସା ନିର୍ଦ୍ଦେଶକ ଡ. ମହେନ୍ଦ୍ର ତ୍ରିପାଠୀ, କେୟାର ହସ୍ପିଟାଲ ସିଓଓ ଗୁରୀତ କୌର ସେଠୀ, ହସ୍ପିଟାଲର ଗ୍ରୁପ ସିଇଓ ରାଜୀବ ସିଂଘଲ ଏହାର ଆରମ୍ଭ କରିଛନ୍ତି। କେୟାର ହସ୍ପିଟାଲ ବୃହତ୍ତ ହୃଦ ପ୍ରତ୍ୟାରୋପଣ କାର୍ଯ୍ୟକ୍ରମ ପ୍ରତିଷ୍ଠା କରିବାକୁ ସଫଳ ହୋଇଥିବା ଡ.ବାଲକ୍ରିଷ୍ଣନ କହିଛନ୍ତି। ସେହିଭଳି ମେକାନିକାଲ ସାର୍କ୍ୟୁଲେଟୋରୀ, ସପୋର୍ଟ, ଲେଫ୍ଟ ଭେଣ୍ଟ୍ରିକ୍ୟୁଲାର ଆସିଷ୍ଟ ଡିଭାଇସେସ (ଏଲ୍‌ଭିଏଡି), ଇସିଏମ୍‌ଓ ପମ୍ପ ଭଳି ଅତ୍ୟାଧୁନିକ ଟେକ୍ନୋଲୋଜି ସୁବିଧା ହସ୍ପିଟାଲ ପକ୍ଷରୁ ଯୋଗାଇ ଦିଆଯିବ। ଅଭିଜ୍ଞ ବିଶେଷଜ୍ଞଙ୍କ ଦ୍ୱାରା ରୋଗୀଙ୍କୁ ଗୁଣବତ୍ତା ବିଶିଷ୍ଟ ସେବା ଯୋଗାଣ ଲକ୍ଷ୍ୟ ନେଇ କାର୍ଯ୍ୟ କରୁଥିବା ସେ ପ୍ରକାଶ କରିଛନ୍ତି।



ନୂଆ ଫାସିଲିଟି ଶୁଭାରମ୍ଭ ଅବସରରେ ଉପସ୍ଥିତ ଅତିଥି।

ଏହି ଅବସରରେ ହସ୍ପିଟାଲର ଗ୍ରୁପର ସିଇଓ ରାଜୀବ ସିଂଘଲ କହିଛନ୍ତି, ଏହି ଚିକିତ୍ସା ସୁବିଧା ଓଡ଼ିଶାର ରୋଗୀମାନେ ବିଶେଷ ଉପକୃତ ହେବେ। ଡ. ବାଲକ୍ରିଷ୍ଣନ ଏବଂ ତାଙ୍କ ଟିମ୍ ଦ୍ୱାରା ସେବା ଯୋଗାଣ ଧାରା ଜାରି ରହିବ। ଅତ୍ୟାଧୁନିକ ମେଡିସିନ ଦ୍ୱାରା ହୃଦୟ ପ୍ରତ୍ୟାରୋପଣ ଚିକିତ୍ସା ନିରାପଦ ହୋଇ ପାରିଥିବା ହସ୍ପିଟାଲ ସିଓଓ ସେଠୀ ଏଥିରେ ପ୍ରକାଶ କରିଛନ୍ତି। ନୂଆ ଫାସିଲିଟି ଫଳରେ ଲୋକଙ୍କୁ ଏଥିଲାଗି ବାହାରକୁ ଯିବାକୁ ପଡିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ହସ୍ପିଟାଲ ଏହାର ସୁପରସ୍ପେଶିଆଲିଟି କାର୍ଯ୍ୟକ୍ରମ ଅନ୍ତର୍ଗତ ଉକ୍ତ ଚିକିତ୍ସା ଆରମ୍ଭ କରିଛି।

# ଆଇଆରସିଟିସିର ନେପାଳ ଟୁର୍

**ପ୍ରଥମ ଅନ୍ତର୍ଜାତୀୟ ବିମାନ ଟୁର୍**

**ଭୁବନେଶ୍ୱର, ୨୦।୯(ବ୍ୟୁରୋ)**

ଆଇଆରସିଟିସି ଏବେ ନିଜ ଯାତ୍ରୀଙ୍କୁ ୬ଦିନିଆ ପ୍ୟାକେଜ୍‌ରେ ‘ନେଶନ ଅଫ୍ କଲର୍’ ନେପାଳ ବୁଲାଇବାକୁ ଯୋଜନା କରିଛି। ଏହି ପ୍ୟାକେଜ୍‌ରେ ଯାତ୍ରୀମାନେ ନେପାଳର ବିଭିନ୍ନ ଦର୍ଶନୀୟ ସ୍ଥାନ ବୁଲିପାରିବେ। ରାଜଧାନୀ କାଠମାଣ୍ଡୁ, ପୋଖରା, ଚିଟୱାନର ପ୍ରାକୃତିକ ସୌନ୍ଦର୍ଯ୍ୟ ସହ ଟ୍ରେକିଂ ଓ ଜଙ୍ଗଲ ସଫାରିର ମଜା ଉଠାଇବେ ଯାତ୍ରୀ। ଏହି ଯାତ୍ରା ନଭେମ୍ବର୧୩ରୁ ୨୦ ତାରିଖ ପର୍ଯ୍ୟନ୍ତ ହେବ। ପ୍ରଥମ ଦିନରେ ପଶୁପତିନାଥ ମନ୍ଦିର, ଦ୍ୱିତୀୟ ଦିନରେ ପୋଖରାର ମନକମାନା ମନ୍ଦିର, ତୃତୀୟ ଦିନରେ ଦେବୀ ଜଳପ୍ରପାତ, ଗୁପ୍ତେଶ୍ୱର ଗୁମ୍ଫା ଏବଂ ଫେୱା ହ୍ରଦ ବୁଲିବେ। ଚତୁର୍ଥ ଦିନରେ ଚିଟୱାନ ଅଭିମୁଖେ ଯାତ୍ରା କରି ହାତୀ ସାହାଯ୍ୟରେ ଜଙ୍ଗଲ ସଫାରି ଉପଭୋଗ କରିବେ। ପଞ୍ଚମ ଦିନରେ ସ୍ୱୟମ୍ଭୁ ସ୍ତୁପ ଓ ଷଷ୍ଠ ଦିନରେ ବସ୍‌ରେ ବିଭିନ୍ନ ସ୍ଥାନ ଦେଖି ଫେରିବେ। ୧୫ ନଭେମ୍ବରରେ ଏହି ଯାତ୍ରା କୋଲକାତା ଏୟାରପୋର୍ଟରୁ ଆରମ୍ଭ ହେବ। ଅଧିକ ସୂଚନା ପାଇଁ ଆଇଆରସିଟିସି ୱେବସାଇଟ (www.irctctourism.com)ରେ ଯୋଗାଯୋଗ କରିବାକୁ କୁହାଯାଇଛି।

■ ଚନ୍ଦକା-ଡମପଡ଼ା ଅଭୟାରଣ୍ୟ

# ବର୍ଷସାରା ନାଇଟ୍, ଫୁଟ୍ ପାଟ୍ରୋଲିଂ ପାଇଁ ନିର୍ଦ୍ଦେଶ

**ଭୁବନେଶ୍ୱର, ୨୦।୯(ବ୍ୟୁରୋ)**

ଚନ୍ଦକା-ଡମପଡ଼ା ଅଭୟାରଣ୍ୟରେ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ତତ୍ପର ହୋଇଛି ବନ ବିଭାଗ। ବର୍ଷ ସାରା ଏହି ଅଭୟାରଣ୍ୟରେ ନାଇଟ୍ ପାଟ୍ରୋଲିଂ ଏବଂ ଫୁଟ୍ ପାଟ୍ରୋଲିଂ ନିୟମିତ ଭାବେ କରିବାକୁ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ଅଭୟାରଣ୍ୟରେ ହାତୀଙ୍କ ସୁରକ୍ଷା ଓ ପରିଚାଳନା ପାଇଁ ଆସୁଥିବା ଅର୍ଥର ସୁବିନିଯୋଗ କରିବା ଏବଂ ଅର୍ଥ ବ୍ୟୟ ସମୟରେ ସ୍ୱଚ୍ଛତା ଅବଲମ୍ବନ କରିବା ପାଇଁ ମନ୍ତ୍ରୀ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ବର୍ତ୍ତମାନ ଅଭୟାରଣ୍ୟରେ ୧୨ଟି ୱାଚ୍ ଟାୱାର ଅଛି, ଯାହାକି ପର୍ଯ୍ୟାପ୍ତ ନୁହେଁ। ତେଣୁ ହଜବନ୍ଧଠାରେ ଆଉ ଏକ ୱାଚ୍ ଟାୱାର ନିର୍ମାଣ ନିମନ୍ତେ ଅନୁମୋଦିତ ୨୦ଲକ୍ଷ ଟଙ୍କା ତୁରନ୍ତ ଉପଯୋଗ କରି ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ମନ୍ତ୍ରୀ ଆରୁଖ ନିର୍ଦ୍ଦେଶ ଦେଇଥିଲେ। ଶୁକ୍ରବାର ଅଚାନକ ମନ୍ତ୍ରୀ ପରିଦର୍ଶନରେ ଆସି ଅଭୟାରଣ୍ୟ ସ୍ଥିତ ଗୋଡ଼ିବାରି, କୁମାରଖୁଣ୍ଟି, ଡେରାସ ଏବଂ ଅମ୍ପିଲୋ ପ୍ରଭୃତି ସ୍ଥାନ ବୁଲି ଦେଖିଥିଲେ। ଏଥିସହ ଅଭୟାରଣ୍ୟର ପରିଚାଳନା ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି ସମୟରେ ବନଖଣ୍ଡ ଅଧିକାରୀ, ସହକାରୀ ବନ ସଂରକ୍ଷକ, ରେଞ୍ଜ ଅଫିସର, ଫରେଷ୍ଟର ତଥା ଅନ୍ୟାନ୍ୟ ବନ କର୍ମଚାରୀ ଉପସ୍ଥିତ ଥିଲେ। ଅଭୟାରଣ୍ୟର ସୁରକ୍ଷା, ଜୀବଜନ୍ତୁଙ୍କ ସୁରକ୍ଷା, ମଣିଷ ଓ ବନ୍ୟପ୍ରାଣୀ ସଂଘର୍ଷର ଠିକ୍ ପରିଚାଳନା, ବନୀକରଣ, ପରିବେଶ ପର୍ଯ୍ୟଟନ ପ୍ରଭୃତି ବିଭିନ୍ନ ପ୍ରସଙ୍ଗ ଉପରେ ମନ୍ତ୍ରୀ ସମୀକ୍ଷା କରିଥିଲେ। ଜଙ୍ଗଲ ନିଆଁ ନିର୍ବାପକ ସ୍କ୍ୱାଡ୍ ଆବଶ୍ୟକୀୟ ସାମଗ୍ରୀ ସହ ସର୍ବଦା ପ୍ରସ୍ତୁତ ରହିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

ବିଲ୍‌ଡରଙ୍କ କବ୍‌ଜାରେ ଚକନାଳୀ

# ଚାଷ ପାଇଁ ଚାଷୀ ଚିନ୍ତିତ

**ପୁରୁଣା ଭୁବନେଶ୍ୱର,୨୦।୯(ଡି.ଏନ.ଏ.)**

ରାଜଧାନୀର ବିଭିନ୍ନ ମଠ ମନ୍ଦିର, ଆଦି ସରକାରୀ ଜାଗାକୁ ଜବରଦଖଲ କରିସାରିବା ପରେ ଏବେ ରାଜଧାନୀର ଉପକଣ୍ଠରେ ଜବରଦଖଲକାରୀଙ୍କ ଲୋଲୁପ ଦୃଷ୍ଟି ପଡିଛି। ଗ୍ରୀନ୍‌କୁ ୟଲୋ ଜୋନରେ ବିଡିଏରୁ ମିଛ ପ୍ରମାଣପତ୍ର ଦାଖଲ କରାଇ ଏସବୁ ଅଞ୍ଚଳରେ ୟଲୋ ଜୋନର ଯୋଜନାମାନ କରୁଛନ୍ତି। ଯାହାକୁ ନେଇ ଚାଷ ଉପରେ ନିର୍ଭର କରୁଥିବା ଶତାଧିକ ଚାଷୀ ଚିନ୍ତାରେ ପଡିଛନ୍ତି। ଚକନାଳୀ, କାଡାନାଳୀ, ନୈନଯୋରୀ, ଜୋର, ଅନାବାଦୀ, ସରକାରୀ ଜାଗା ଏବଂ ନାଳଗୁଡିକୁ ଜବରଦଖଲ କରି ଏଠାରେ ନିର୍ମାଣକାର୍ଯ୍ୟ କରିବା ଦ୍ୱାରା ଚାଷୀଙ୍କ ଦୁଃଖକୁ ଆହୁରି ଦୁଇଗୁଣିତ କରିଛି। ଏସବୁ କାର୍ଯ୍ୟରେ ରାଜ୍ୟରେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ, ତହସିଲଦାର ଏବଂ ବିଡିଏର କେତେଜଣ ପ୍ରଶାସନିକ ଅଧିକାରୀଙ୍କୁ ହାତ କରି ବିଲ୍‌ଡରମାନେ ମୋଟା ଅଙ୍କର ଅର୍ଥ ଦେଇ ଜମି ହଡପ କରୁଛନ୍ତି। ୩୧୬ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ଉତ୍ତର ଶାସନ, ପୂବାଶାସନ ଆଦି ମୌଜାରେ ଏହା ଦେଖିବାକୁ ମିଳୁଛି। ଗୁଡିଆପୋଖରୀ, ଛକଠାରେ ଥିବା ମାଟିଆପଡା-୨ ସର୍କଲ ଅଧୀନରେ ଥିବା ଚାଷଜମିରେ ଅନେକ ବିଲ୍‌ଡର ଚକନାଳୀକୁ ପୋତି ନିଜର କାର୍ଯ୍ୟ ହାସଲ କରିଥିବା ଦେଖିବାକୁ ମିଳୁଛି। ପ୍ରାୟ ୮ ଫୁଟର ଏକ ଚକନାଳୀକୁ ବିଲଡର ପାଚେରି କରି ନିଜେ ଚାଷୀଠାରୁ କିଣିଥିବା ଜମିରେ ମିଶାଇ ହରିଲୁଟ୍ କରିବା ଘଟଣାକୁ ସ୍ଥାନୀୟ ଅଞ୍ଚଳରେ ଘୋର ବିରୋଧ କରାଯାଇଛି। ଯଦି ଏକ ଚକନାଳୀକୁ ଚାଷୀମାନଙ୍କ ଉଦ୍ଦେଶ୍ୟରେ ବିଭାଗୀୟ ଅଧିକାରୀମାନେ ତୁରନ୍ତ ଉନ୍ମୁକ୍ତ ନ କରିବେ ତାହା ହେଲେ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି କହିଛନ୍ତି। ସୂଚନାଥାଉ କି ଏହିସବୁ ମୌଜାରେ ରାଜଧାନୀର ଅନେକ ବିଲ୍‌ଡରମାନେ ନିଜର ପ୍ରୋଜେକ୍ଟ ପାଇଁ ବଡ ବଡ ବ୍ୟବସାୟ ପ୍ରତିଷ୍ଠାନମାନ ନିର୍ମାଣ କରୁଛନ୍ତି। ହେଲେ କୌଣସି ବିଲଡର କିମ୍ବା ବ୍ୟବସାୟ ପ୍ରତିଷ୍ଠାନର ମାଲିକ ଶୁଭଦୃଷ୍ଟି ଚାଷୀମାନଙ୍କ ଉପରେ ପଡୁ ନ ଥିବାରୁ ଆଗାମୀ ଦିନରେ ବିସ୍ତୀର୍ଣ୍ଣ ଚାଷଜମି ନିଶ୍ଚିହ୍ନ ହୋଇଯିବା ଏକ ପ୍ରକାର ଆଶଙ୍କା କରାଯାଇଛି। ଏ ସମ୍ପର୍କରେ ପିପିଲି ବିଡିଓ ତଥା ତହସିଲଦାର ଆଦିକନ୍ଦ ବେହେରାଙ୍କୁ ପଚାରିବାରୁ ଚାଷ ଜମି ଚକନାଳୀ ଜବରଦଖଲ ନେଇ କୌଣସି ଅଭିଯୋଗ ହୋଇନାହିଁ। ଚାଷୀମାନଙ୍କର ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ତତ୍କାଳ ଚକନାଳୀ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ନିଆଯିବ। ଏଭଳି ଘଟଣାର ଆର୍‌ଆଇମାନେ ପ୍ରଥମେ ଡ୍ରେନେଜ ଅବସ୍ଥା ଦେଖି ପରେ ଅନୁମତି ଦେବା କଥା। ସ୍ଥାନୀୟ ବାସିନ୍ଦା ଦୀନବନ୍ଧୁ ବେହେରା କୁହନ୍ତି, ମୌଜା ଭଳି ଆଖପାଖ ଆଞ୍ଚଳରେ ଚାଷୀ ତଥା ଲୋକଙ୍କ ସ୍ୱାର୍ଥଦୃଷ୍ଟିରୁ ଚକନାଳୀ ଏବଂ କାଡାନାଳୀର ବେଆଇନ ନିର୍ମାଣକୁ ବରଦାସ୍ତ କରାଯିବ ନାହିଁ।



# ବିଏସ୍ଏନ୍ଏଲ୍ ଟେଲିଫୋନ ଭବନରେ ଅଗ୍ନିକାଣ୍ଡ

- ଶର୍ଟ ସର୍କିଟରୁ ପୋଡିଗଲା କୋଟିଏ ଟଙ୍କାର ଯନ୍ତ୍ରାଂଶ
- ୪ ଜିଲାରେ ବିଏସ୍ଏନ୍ଏଲ୍ ସେବା ବନ୍ଦ
- ୭ ଫାୟାର ଟିମ୍‌କୁ ଲାଗିଲା ୪ ଘଣ୍ଟା







**କଟକ ଅଫିସ, ୨୦।୯**

କଟକ ବଜ୍ରକବାଟୀ ରୋଡ୍‌ସ୍ଥିତ ଭାରତୀୟ ସଞ୍ଚାର ନିଗମ ଲିମିଟେଡ (ବିଏସ୍ଏନ୍ଏଲ୍) ଭବନରେ ଶୁକ୍ରବାର ଅଗ୍ନିକାଣ୍ଡ ଘଟିଛି। ଏହି ଅଗ୍ନିକାଣ୍ଡରେ କୋଟିଏ ଟଙ୍କାର ଯନ୍ତ୍ରାଂଶ ପୋଡ଼ି ନଷ୍ଟ ହୋଇଯାଇଛି। ଏହି ଅଗ୍ନିକାଣ୍ଡ ଯୋଗୁ କଟକ, ଯାଜପୁର, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଜିଲାରେ ବିଏସ୍ଏନ୍ଏଲ୍ ସେବା ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯାଇଛି। ଏ ନେଇ ବିଏସ୍ଏନ୍ଏଲ୍ ସାଧାରଣ ପରିଚାଳକ ହରିଶ ଚନ୍ଦ୍ର ମହାନ୍ତି କହିଛନ୍ତି, ଶର୍ଟସର୍କିଟ୍‌ରୁ ଏହି ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡ ଯୋଗୁ ଲ୍ୟାଣ୍ଡ ଲାଇନ୍, ଏଫ୍‌ଟିଏଚ୍, ବ୍ରଡବ୍ୟାଣ୍ଡ ଓ ମୋବାଇଲ ସେବା ବନ୍ଦ କରାଯାଇଛି। ସମସ୍ତ କେବୁଲ ପୋଡି ଯାଇଥିବାରୁ ଲ୍ୟାଣ୍ଡଲାଇନ୍ ଉପଭୋକ୍ତା ୧୫ଦିନରୁ ଅଧିକ ସେବା ପାଇବାରୁ ବଞ୍ଚିତ ହେବେ। ୨ରୁ ୩ ଦିନ ଭିତରେ ମୋବାଇଲ ଓ ବ୍ରଡବ୍ୟାଣ୍ଡ ସେବା ଯୋଗାଇଦେବାକୁ ଆମେ ଯଥାସାଧ୍ୟ ଚେଷ୍ଟା କରୁଛୁ।

ମିଳିଥିବା ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ସାଢେ ୧୨ଟାରେ ବିଏସ୍ଏନ୍ଏଲ୍ କାର୍ଯ୍ୟାଳୟ କୋଠାର ତୃତୀୟ ମହଲାରେ ଥିବା ସିଭି ପ୍ରକୋଷ୍ଠରେ ନିଆଁ ଲାଗିଯାଇଥିଲା। ପ୍ରକୋଷ୍ଠରୁ ଧୂଆଁ ବାହାରୁଥିବା ଦେଖି କେତେଜଣ କର୍ମଚାରୀ ସେଠାକୁ ଆସିଥିଲେ। ନିଆଁକୁ ଆୟତ୍ତ କରିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। କେବୁଲରେ ନିଆଁ ସଂଯୋଗ ହୋଇଯିବା ଫଳରେ ଏହା ଖୁବ୍‌ଶୀଘ୍ର ବ୍ୟାପି ଯାଇଥିଲା। ଖବରପାଇ ଅଗ୍ନିଶମ ବିଭାଗର ୭ଟି ଟିମ୍ ପହଞ୍ଚିଥିଲେ। ପ୍ରାୟ ୪ ଘଣ୍ଟା ଧରି ପରିଶ୍ରମ କରିବା ପରେ ନିଆଁକୁ ଆୟତ୍ତ କରିଥିଲେ। ଷ୍ଟ୍ରାଇକିଂ ଫୋର୍ସ ଓ ଅଗ୍ନିଶମ କର୍ମଚାରୀଙ୍କୁ ମିଶାଇ ପ୍ରାୟ ୫୦ଜଣ ନିଆଁ ଲିଭାଇବା କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ଅନ୍ୟପକ୍ଷରେ ଖବର ସଂଗ୍ରହ କରୁଥିବାବେଳେ ୩ଜଣ ଖବରଦାତା ଆହତ ହୋଇଛନ୍ତି। ନିଆଁ ଲାଗିଥିବା ପ୍ରକୋଷ୍ଠର ଝରକା କାଚ ଖବରଦାତାଙ୍କ ଉପରେ ଖସି ପଡ଼ିଥିଲା। ପ୍ରାଥମିକ ଚିକିତ୍ସା ପାଇଁ ସେମାନଙ୍କୁ ଏସ୍‌ସିବି ମେଡ଼ିକାଲରେ ଭର୍ତ୍ତି କରାଯାଇଛି।

## ଜେଲ୍‌ରେ ଅସୁସ୍ଥ ▸ ଆଶୀର୍ବାଦଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**ଭୁବନେଶ୍ୱର, ୨୦।୯(ବ୍ୟୁରୋ):** ଅର୍ଥତତ୍ତ୍ୱ ଲିଙ୍କ୍ ଅଭିଯୋଗରେ ଗିରଫ ହୋଇ ଝାରପଡ଼ା ଜେଲ୍‌ରେ ଥିବା ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରାଙ୍କର ସ୍ୱାସ୍ଥ୍ୟାବସ୍ଥା ବିଗୁଡ଼ୁଛି। ତେଣୁ ଜେଲ୍ ପରିସରସ୍ଥ ଡାକ୍ତରଖାନାରେ ତାଙ୍କୁ ରଖାଯାଇ ଚିକିତ୍ସା କରାଯାଉଛି। ଡାକ୍ତରମାନେ ନିୟମିତ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି। ଆଗାମି ଦିନରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଇପାରେ ବୋଲି କୁହାଯାଉଛି। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନେବାର ବ୍ୟବସ୍ଥା ହୋଇଥିଲା। କିନ୍ତୁ ଶେଷ ପର୍ଯ୍ୟାୟରେ ତାହାକୁ ବାତିଲ କରାଯାଇଥିଲା। ସକାଳେ ଡାକ୍ତରଙ୍କ ପରାମର୍ଶ କ୍ରମେ ଆଶୀର୍ବାଦ ଚା' ପିଇବା ସହ ଉପମା ଖାଇଥିଲେ। ଗୁରୁବାର ରାତିରେ ତାଙ୍କୁ ରୁଟି, ଶନ୍ତୁଳା ଦିଆଯାଇଥିଲା। ସେହିଭଳି କମଳାକାନ୍ତ ଦାସଙ୍କୁ ଝାରପଡ଼ା ଜେଲର ୱାର୍ଡ ନଂ-୧୮ରେ ରଖାଯାଇଛି। ସେ ଗୁରୁବାର କିଛି ଖାଇ ନ ଥିବା ବେଳେ ଶୁକ୍ରବାର ସକାଳେ ଉପମା, ମଧ୍ୟାହ୍ନରେ ସାଦା ଭାତ ମିଲ୍ ଏବଂ ରାତିରେ ରୁଟି ସନ୍ତୁଳା ଖାଇଥିବା ଜଣାପଡ଼ିଛି। କୋର୍ଟଙ୍କ ଏନ୍‌ବିଡବ୍ଲ୍ୟୁ ବଳରେ ସିବିଆଇ ଉଭୟଙ୍କୁ ଗୁରୁବାର ସକାଳେ ଗିରଫ କରିଥିଲା।




## ବସ୍ ଉପରେ ବସିବା କାଳ ସାଜିଲା
## ଗଛ ଡାଳ ମାଡ଼ରେ ପର୍ଯ୍ୟଟକ ମୃତ

**କୋଣାର୍କ,୨୦।୯(ଡି.ଏନ.ଏ.):** ରାଜସ୍ଥାନର ଏକ ଯାତ୍ରୀବାହୀ ବସ ଶୁକ୍ରବାର କୋଣାର୍କ ବୁଲିବାକୁ ଆସୁଥିବାବେଳେ ଜଣେ ପର୍ଯ୍ୟଟକ ବସ୍ ଛାତରେ ବସି ବାହାର ସୌନ୍ଦର୍ଯ୍ୟ ଦେଖୁଥିବାବେଳେ ଏହା ତାଙ୍କ ପାଇଁ ମହଙ୍ଗା ପଡ଼ିଛି। କୋଣାର୍କ ଥାନା ଅଧୀନ ଦଶବାଟିଆ ଛକଠାରେ ଏହି ବସ ଥିବାବେଳେ ଏକ ଗଛ ଡାଳ ମାଡ଼ରେ ବସ ଉପରେ ବସିଥିବା ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଦୌସା ଜିଲାର ଲାଲସୋଟ ଥାନା ଅଧୀନ ଦିୱାନ ଅଞ୍ଚଳର ରାମ ଭଜନୀ ମାଳି। ଏହି ଘଟଣାରେ ପୋଲିସ ବସ ଡ୍ରାଇଭର କାଜୋଟ ମାଲମିନାଙ୍କୁ ଗିରଫ କରିଛି। ସୂଚନା ମୁତାବକ, ରାଜସ୍ଥାନର ଅନୁଷ୍କା ନାମକ(ନଂ- ଆରଜେ ୨୩ପିଏ ୩୩୮୧) ବସ ୪୫ଜଣ ଯାତ୍ରୀଙ୍କୁ ନେଇ କୋଣାର୍କ ବୁଲିବାକୁ ଆସିଥିଲେ। କୋଣାର୍କର ୩କି.ମି. ପୂର୍ବରୁ ଭଜନୀ ଓ ଅନ୍ୟ ଏକ ପର୍ଯ୍ୟଟକ ବସ ଉପରେ ବସିଥିବାବେଳେ ଦଶବାଟିଆ ଛକରେ ଏକ ଗଛର ଡାଳ ଓହଳି ଥିବାରୁ ଭଜନୀ ଦେହରେ ମାଡ଼ ହୋଇଥିଲା। ଏଥିରେ ଭଜନୀ ତଳେ ପଡି ଗୁରୁତର ଥିବାବେଳେ ଅନ୍ୟ ଜଣକ ସାମାନ୍ୟ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଓ ବସରେ ଥିବା ଅନ୍ୟ ଯାତ୍ରୀ କୋଣାର୍କସ୍ଥିତ ଚମ୍ପାହର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ଭଜନୀଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ମାତ୍ର ଡାକ୍ତର ତାଙ୍କର ପରୀକ୍ଷା କରିବା ପରେ ମୃତ ଘୋଷଣା କରିଥିଲେ। ଖବରପାଇ କୋଣାର୍କ ପୋଲିସ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଚାରିଛକ ଡାକ୍ତରଖାନା ପଠାଇଛି। ଏ ନେଇ ପୋଲିସ ୯୫/୧୯ନଂ.ରେ ଏକ ମାମଲା ରୁଜୁ କରି ଡ୍ରାଇଭରଙ୍କୁ ଅଟକ ରଖି ପଚରାଉଚୁରା ପରେ ଗିରଫ କରିଛି।

## ଟାୱାରରୁ କେବୁଲ ଚୋରି କରି, ୪ ଗିରଫ

**ଭୁବନେଶ୍ୱର, ୨୦।୯(ବ୍ୟୁରୋ):** ଖଣ୍ଡଗିରି ଥାନା ଅଧୀନ ପାତ୍ରପଡ଼ା ଅଞ୍ଚଳରେ ଥିବା ମହେନ୍ଦ୍ର ଟାୱାରୁ ତମ୍ବା ତାର ଓ କେବୁଲ ଚୋରି କରିଥିବା ୪ ଜଣଙ୍କୁପୋଲିସ ଗିରଫ କରିଛି। ସେମାନଙ୍କ ନିକଟରୁ ପୋଲିସ ଲକ୍ଷାଧିକ ଟଙ୍କାର କେବୁଲ ତାର ଜବତ କରିଛି। ସେମାନେ ହେଲେ ଉତ୍ତର ପ୍ରଦେଶ ଗୋପିଗଞ୍ଜ ଥାନା ଅଞ୍ଚଳର ମହେଶ କୁମାର ସାହୁ, ଖଣ୍ଡଗିରି ଥାନା ଅଧୀନ ଡୁମୁଡୁମା ଅଞ୍ଚଳର ଲୋକେଶ୍ୱର ସାହୁ, ଜତିନ କୁମାର ବେହେରା ଓ ମନୋରଞ୍ଜନ ପଣ୍ଡା। ସୂଚନା ମୁତାବକ, ବୁଧବାର ରାତିରେ ପାତ୍ରପଡ଼ା ଅଞ୍ଚଳରେ ଥିବା ମହେନ୍ଦ୍ର ଟାୱାରରୁ କେବୁଲ ତାର ଚୋରି ନେଇ ସୁପରଭାଇଜର ନବକିଶୋର ମହାପାତ୍ର ଗୁରୁବାର ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ୫୧୨/୧୯ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ଡୁମୁଡୁମା ଅଞ୍ଚଳରେ କବାଡିଆ ଦୋକାନ ଚଳାଉଥିବା ମହେଶ ସାହୁଙ୍କ ଗୋଦାମରେ ଶୁକ୍ରବାର ପୋଲିସ ଚଢ଼ାଉ କରିଥିଲା। ସେଠାରୁ କିଛି ମାତ୍ରାରେ ଚୋରି କେବୁଲ ଜବତ କରିଥିବା ବେଳେ ଅନେକ କେବୁଲ ପୂର୍ବରୁ ବିକ୍ରୀ ହୋଇଯାଇଥିବା ମହେଶ ସୂଚନା ଦେଇଥିଲେ। ଏଥିସହ ମହେଶଙ୍କ ସୂଚନା ମୁତାବକ ଚୋରିରେ ସଂପୃକ୍ତ ଅନ୍ୟ ୩ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିଲା।

### ଆନ୍ତଃ ରାଜ୍ୟ ଗଞ୍ଜେଇ ବେପାରୀ ଦୁର୍ଯ୍ୟୋଧନ ଗିରଫ ମାମଲା
## ରିମାଣ୍ଡରେ ଆଣି ଜେରା କଲା ଏସ୍‌ଟିଏଫ୍

**ଭୁବନେଶ୍ୱର, ୨୦।୯(ବ୍ୟୁରୋ)**

ଆନ୍ତଃରାଜ୍ୟ ଗଞ୍ଜେଇ କାରବାର ର୍ୟାକେଟର ଗୁମର ଖୋଲିବ ଏସ୍‌ଟିଏଫ୍। ଏହି ର୍ୟାକେଟର ମାଷ୍ଟରମାଇଣ୍ଡ ଦୁର୍ଯ୍ୟୋଧନ ମୋହିତଙ୍କୁ ଶୁକ୍ରବାର ଏସ୍‌ଟିଏଫ୍ ୪ଦିନିଆ ରିମାଣ୍ଡରେ ଆଣି ପଚରାଉଚରା କରୁଛି। କୋରାପୁଟରୁ ସେ କାହାଠାରୁ ଗଞ୍ଜେଇ ଆଣୁଥିଲେ, କିଭଳି ଅନ୍ୟ ରାଜ୍ୟକୁ ଚାଲାଣ କରୁଥିଲେ, ଏହା ପଛରେ କେଉଁମାନେ ସମ୍ପୃକ୍ତ ଆଦି ଅନେକ ପ୍ରଶ୍ନ ଏସ୍‌ଟିଏଫ୍‌ର ୩ଜଣ ଅଧିକାରୀ ତାଙ୍କୁ ପଚାରିଥିଲେ। ଏହି ସମୟରେ ଏସ୍‌ଟିଏଫ୍‌କୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିବା ଜଣାପଡ଼ିଛି।

ମୋହିତଙ୍କୁ ଏସ୍‌ଟିଏଫ୍ ଜଳଗାଓଁ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ନିକଟରେ ହାଜର କରାଯାଇ ଟ୍ରାନ୍‌ଜିଟ୍ ରିମାଣ୍ଡରେ ଅଣାଯାଇଥିଲା। ପରେ ତାଙ୍କୁ କୋରାପୁଟ କୋର୍ଟରେ ହାଜର କରି ୪ଦିନିଆ ରିମାଣ୍ଡରେ ଆଣି ଭୁବନେଶ୍ୱର ଏସ୍‌ଟିଏଫ୍ କାର୍ଯ୍ୟାଳୟରେ ପଚରାଉଚରା କରାଯାଉଛି। କୋରାପୁଟରେ ୭ଜଣ ମାଫିଆ ଗଞ୍ଜେଇ ଚାଷ କରି ମୋହିତଙ୍କୁ ଗଞ୍ଜେଇ ଯୋଗାଇଥାନ୍ତି। ଗଞ୍ଜେଇ ଚାଷକୁ ସୁରକ୍ଷା ଦେବାରେ ସ୍ଥାନୀୟ ପୋଲିସ ସମ୍ପୃକ୍ତ ଥିବା ଜଣାପଡ଼ିଛି। ରାତିରେ ରିକ୍ସା, ମାଲ ବୋଝେଇ ଟ୍ରକରେ ଅନ୍ୟ ରାଜ୍ୟକୁ ଗଞ୍ଜେଇ ଚାଲାଣ କରାଯାଇଥାଏ। ଏସ୍‌ଟିଏଫ୍ ଅଧିକାରୀମାନେ ଏସବୁ ତଥ୍ୟ ହାସଲ କରିବା ପରେ ଗଞ୍ଜେଇ ମାଫିଆଙ୍କ ତାଲିକା ପ୍ରସ୍ତୁତ କରିଥିବାବେଳେ ସେମାନଙ୍କୁ ଧରିବା ପାଇଁ ଏକ ଟିମ୍ ଗଠନ ପାଇଁ ନିଷ୍ପତ୍ତି ନେଇଛନ୍ତି। ସୂଚନାଯୋଗ୍ୟ, କୋରାପୁଟରୁ ଗଞ୍ଜେଇ ଚାଲାଣ କରୁଥିବା ୬ଜଣ ଆନ୍ତଃରାଜ୍ୟ ଅଭିଯୁକ୍ତଙ୍କୁ ଏସ୍‌ଟିଏଫ୍ ଗିରଫ କରିଥିଲା। ତେବେ ମାଷ୍ଟରମାଇଣ୍ଡଙ୍କୁ ଧରି ପାରି ନ ଥିଲା। ତାଙ୍କୁ ଗିରଫ କରିବା ପାଇଁ ଜାଲ ବିଛାଇଥିଲା। ଗତ ୧୪ ତାରିଖରେ ମହାରାଷ୍ଟ୍ରର ଜଲଗାଓଁ ଜିଲା ରାମାନନ୍ଦ ଅଞ୍ଚଳରୁ ମୋହିତଙ୍କୁ ଗିରଫ କରାଯାଇଥିଲା।



ଭବିଷ୍ୟନିଧି ପୂର୍ବାଞ୍ଚଳ ଇନ୍‌ଡୋର ପ୍ରତିଯୋଗିତା ▸

## ଓଡ଼ିଶା ଦଳଗତ ଚାମ୍ପିୟନ

**ଭୁବନେଶ୍ୱର, ୨୦।୯(ସ୍ପୋର୍ଟ୍ସ ବ୍ୟୁରୋ)**

କିଟ୍ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନୁଷ୍ଠିତ ଭବିଷ୍ୟନିଧି ପୂର୍ବାଞ୍ଚଳ ଇନ୍‌ଡୋର ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ପ୍ରତିଯୋଗିତାରେ ଓଡ଼ିଶା ଦଳଗତ ଚାମ୍ପିୟନ ହୋଇଛି। ଓଡ଼ିଶାର ମୟଙ୍କ ରାଜ, ପ୍ରଶାନ୍ତ କୁମାର ବାରିକ, ଯୁଧିଷ୍ଠିର ବେହେରା, ଅଳକା ସିହ୍ନା, ଆଶା ସୋନୀ, ପି. ବନ୍ଦନା, ବିଶ୍ୱନାଥ ତିର୍କୀ ଏବଂ କନକବାଲା ଏ.କେ. ପ୍ରମୁଖ ବ୍ୟାଡ୍‌ମିଣ୍ଟନ, ଟେବୁଲ ଟେନିସ, କ୍ୟାରମ ସମେତ ବିଭିନ୍ନ ବିଭାଗରେ ଚାମ୍ପିୟନ ହୋଇ ଅମୃତସରଠାରେ ହେବାକୁଥିବା ସର୍ବଭାରତୀୟ ପ୍ରତିଯୋଗିତାରେ ଭାଗନେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି।

କର୍ମଚାରୀ ଭବିଷ୍ୟନିଧି ସଙ୍ଗଠନର ଓଡ଼ିଶା ମୁଖ୍ୟ ତଥା ଅତିରିକ୍ତ କେନ୍ଦ୍ରୀୟ ଭବିଷ୍ୟନିଧି କମିଶନର ପି. ବୀରଭଦ୍ର ସ୍ୱାମୀ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ବରିଷ୍ଠ ଆଞ୍ଚଳିକ ଭବିଷ୍ୟନିଧି କମିଶନର ରବୀନ୍ଦ୍ର ସାମଲ, ଆଞ୍ଚଳିକ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ ସମ୍ପାଦକ ତଥା ଭବିଷ୍ୟନିଧି କମିଶନର ସୁଦୀପ୍ତ ଘୋଷ, ସହାୟକ ଭବିଷ୍ୟନିଧି କମିଶନର ସଞ୍ଜୟ କୁମାର ରଥ ଏବଂ ମୟଙ୍କ ରାଜ ସମ୍ମାନନୀୟ ଅତିଥିଭାବେ ଯୋଗ ଦେଇଥିଲେ। କର୍ମଚାରୀ ଭବିଷ୍ୟନିଧି ସଙ୍ଗଠନର ସହାୟକ ପିଏଫ କମିଶନର ସଞ୍ଜୟ କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## ଗାନ୍ଧୀ ଜୟନ୍ତୀରୁ ରେଳଷ୍ଟେଶନରେ 'ପର୍ଯ୍ୟଟନ ପର୍ବ'

**ଭୁବନେଶ୍ୱର, ୨୦।୯(ବ୍ୟୁରୋ)**

ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ଭାରତୀୟ ରେଳପଥ ପକ୍ଷରୁ ବିଶେଷ ପଦକ୍ଷେପମାନ ନିଆଯାଉଛି। ଏବେ 'ସ୍ୱଚ୍ଛତା ପଖୱାଡ଼ା' ଚାଲିଛି। ଏହାପରେ ଅକ୍ଟୋବର ୨ରୁ ୧୩ତାରିଖ ପର୍ଯ୍ୟନ୍ତ ଦେଶର ସବୁ ରେଳଷ୍ଟେଶନରେ 'ପର୍ଯ୍ୟଟନ ପର୍ବ' ଆରମ୍ଭ ହେବ। ରେଳମନ୍ତ୍ରୀ ପୀୟୂଷ ଗୋୟଲ ସବୁ ଷ୍ଟେଶନରେ ଏହି ଉତ୍ସବ ପାଳନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଉତ୍ସବରେ ଷ୍ଟେଶନକୁ ଗାନ୍ଧୀଙ୍କ ସମ୍ପର୍କିତ ତଥ୍ୟାବଳୀରେ ଅଳଙ୍କୃତ କରିବାକୁ କୁହାଯାଇଛି। ଛାତ୍ରୀଛାତ୍ରଙ୍କୁ ୩୪ଟି ରେଳ ମ୍ୟୁଜିୟମ, ପାର୍କ, ଫଟୋ ଗ୍ୟାଲେରି ବୁଲାଇବାକୁ ପରାମର୍ଶ ଦିଆଯାଇଛି। ପର୍ଯ୍ୟଟକଙ୍କ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ହେବ। ସ୍ୱଚ୍ଛତା ଅଭିଯାନ, ରଚନା, ଚିତ୍ରାଙ୍କନ, ବକ୍ତୃତା, ଆଲୋଚନା ଆଦି ରେଳ ସ୍କୁଲ ଓ କାର୍ଯ୍ୟାଳୟ ପରିସରରେ କରାଯିବାର ଯୋଜନା କରାଯାଇଛି। ଏହି ଅବସରରେ ରେଳୱେର ଫ୍ରଣ୍ଟଲାଇନ ଷ୍ଟାଫ ଓ ଆଇଆଇଟିଏମ ଛାତ୍ରୀଛାତ୍ରଙ୍କୁ ନେଇ ପ୍ରଶିକ୍ଷଣ କର୍ମଶାଳା କରାଯିବ। ଏସବୁ ସହ ଷ୍ଟେଶନଗୁଡିକରେ ଥିବା ଡିସପ୍ଲେରେ ଗାନ୍ଧୀ କଥା ଓ ଭଜନ ପ୍ରସାରଣ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଯଦି ନୀଚ ଲୋକଠାରେ ଦିବ୍ୟଗୁଣ ଥାଏ, ତାକୁ ଦରକାର ହେଲେ ଗ୍ରହଣ କରିବା ଉଚିତ୍।
-ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ବିଏସ୍‌ଏନ୍‌ଏଲ୍ ସେବା ବାଧାପ୍ରାପ୍ତ

**ସାଲେପୁର,୨୦।୯(ଡି.ଏନ.ଏ.):** ସାଲେପୁର ଅଞ୍ଚଳରେ ବିଏସ୍‌ଏନ୍‌ଏଲ୍ ସେବା ବାରମ୍ବାର ବାଧାପ୍ରାପ୍ତ ହେଉଛି। ଏହାକୁ ନେଇ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବିଏସ୍‌ଏନ୍‌ଏଲ୍ ମୋବାଇଲ୍ ଗୁଡ଼ିକରେ ନେଟୱର୍କ ରହୁ ନ ଥିବାବେଳେ ଇଣ୍ଟରନେଟ୍ ଅଧିକାଂଶ ସମୟରେ ଉପଲବ୍ଧ ହେଉନାହିଁ। ଏଥିଯୋଗୁ ବ୍ୟାଙ୍କଠାରୁ ଆରମ୍ଭ କରି ଅନ୍ୟ ସେବାଗୁଡ଼ିକ ବାଧାପ୍ରାପ୍ତ ହେଉଛି। ବିଏସ୍‌ଏନ୍‌ଏଲ୍ କର୍ତ୍ତୃପକ୍ଷ ତୁରନ୍ତ ଏ ଦିଗରେ ଦୃଷ୍ଟିଦେବାକୁ ଦାବି ହୋଇଛି।

### ସାଲେପୁର ବ୍ଲକ୍ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ

**ସାଲେପୁର,୨୦।୯(ଡି.ଏନ.ଏ.):** ସାଲେପୁର ବିଡିଓ କିଶୋର କୁମାର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶୁକ୍ରବାର ବ୍ଲକ ପରିସରରେ ସ୍ୱଚ୍ଛତା ଓ ଶ୍ରମଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ପଣ୍ଡାଙ୍କ ସହ ବିଭିନ୍ନ ବିଭାଗର କର୍ମଚାରୀ ଉପସ୍ଥିତ ରହି ବ୍ଲକ୍ ପରିସରକୁ ସଫେଇ କରିଥିଲେ। ବ୍ଲକର ମହେନ୍ଦ୍ର ସାମଲ, କନିଷ୍ଠ କିରାଣି ରମାକାନ୍ତ ମହାରଣା, ବସନ୍ତ କୁମାର ଜେନାଙ୍କ ସମେତ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।

### ଆଠଗଡ଼ ଭାଜପା ପକ୍ଷରୁ ସେବା ସପ୍ତାହ ପାଳିତ

**ଆଠଗଡ଼,୨୦।୯(ସ୍ୱ.ପ୍ର.):** ଆଠଗଡ଼ ଭାଜପା ପକ୍ଷରୁ ସେବା ସପ୍ତାହ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ପ୍ରକାଶ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ବ୍ରଜେନ୍ଦ୍ର ରାୟଙ୍କର ଅଧକ୍ଷତାରେ ଅତିଥି ଓ କର୍ମୀମାନେ ଆଠଗଡ଼ସ୍ଥିତ ବିଶ୍ୱନାଥ ବିଦ୍ୟାପୀଠ ଏବଂ ଖୁଣ୍ଟକଟାସ୍ଥିତ ଗୋପବନ୍ଧୁ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ବିଶ୍ୱନାଥ ବିଦ୍ୟାପୀଠ ସଭାଗୃହରେ ଛାତ୍ରୀଛାତ୍ରଙ୍କୁ ପ୍ଲାଷ୍ଟିକ୍ ବ୍ୟବହାର ବର୍ଜନ ସମ୍ବନ୍ଧରେ ସଚେତନ କରାଯାଇଥିଲା। ଖୁଣ୍ଟକଟାସ୍ଥିତ ବାଳିକା ବିଦ୍ୟାଳୟରେ ଅତିଥି ଚାରାରୋପଣ କରିଥିଲେ। ମିଶ୍ର କନ୍ତୋଲସ୍ଥିତ ମା’ ଦକ୍ଷିଣୀଚଣ୍ଡି ପୀଠରେ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ କରିବା ସହିତ ଚାରାରୋପଣ କରିଥିଲେ। ଜଗଦାନନ୍ଦ ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରକାଶ ସେଠୀ, ପ୍ରଫୁଲ୍ଲ ପରିଡ଼ା, ନୂତନ ରାଉତ, ରଞ୍ଜନ ସେନାପତି, ଉମେଶ ସାମଲ, ପ୍ରମୋଦ ରାଏ ଏବଂ ଲମ୍ବୋଦର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

### ଦୁର୍ଗପତି ଦୁର୍ଗାଚରଣ ପଟ୍ଟନାୟକଙ୍କ ଜୟନ୍ତୀ ଉତ୍ସବ

**ବାଙ୍କୀ,୨୦।୯(ସ୍ୱ.ପ୍ର.):** ଦୁର୍ଗପତି ସ୍ୱର୍ଗତ ଦୁର୍ଗାଚରଣ ପଟ୍ଟନାୟକଙ୍କ ଜନ୍ମ ଜୟନ୍ତୀ ବାଙ୍କୀ ବିଦ୍ୟାରତ୍ନ ଭବନଠାରେ ‘ଦୁର୍ଗାଚରଣ ପଟ୍ଟନାୟକ ସ୍ମୃତି ସଂସଦ’ ଆନୁକୁଲ୍ୟରେ ପାଳିତ ହୋଇଯାଇଛି। ସ୍ମୃତି ସଂସଦ ସଭାପତି ବ୍ରଜକିଶୋର ମହାପାତ୍ରଙ୍କ ସଭାପତିତ୍ୱରେ ସମ୍ପାଦକ ମନୋଜ ମହାପାତ୍ର ସ୍ୱାଗତ ଭାଷଣ ଦେବାସହ ପଟ୍ଟନାୟକଙ୍କ ବୀରତ୍ୱର କାହାଣୀ ଅବତାରଣା କରିଥିଲେ। ମୁଖ୍ୟଅତିଥିଭାବେ ବ୍ରଜବନ୍ଧୁ ପାଲ, ମୁଖ୍ୟବକ୍ତା ଡା. କୈଳାସ ଚନ୍ଦ୍ର ରଥ, ସମ୍ମାନିତ ଅତିଥି ପ୍ରେସକ୍ଲବ ସଭାପତି ବଳଭଦ୍ର ପଣ୍ଡା, ପ୍ରାବନ୍ଧିକ ଜ୍ଞାନେନ୍ଦ୍ର ମୋହନ ମିଶ୍ର, ପ୍ରେସକ୍ଲବ ଉପସଭାପତି ସମରେନ୍ଦ୍ର ମହାପାତ୍ର, ଉମାକାନ୍ତ ବେହେରା ପମୁଖ ଯୋଗଦାନ କରିଥିଲେ। ଅମୂଲ୍ୟବାଳା ପଟ୍ଟନାୟକ ସ୍ୱାଗତ ସଂଗୀତ ଗାନ କରିଥିବାବେଳେ ଶରତ ଚନ୍ଦ୍ର ବାରିକ, ଭଗବାନ ସାମଲ, କମଳାକାନ୍ତ ମିଶ୍ର, ଦୀପକ ସାମନ୍ତରାୟ, ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, ବରେନ୍ଦ୍ର ବେହେରା ପ୍ରମୁଖ ଯୋଗଦାନ କରି ପଟ୍ଟନାୟକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଶେଷରେ ସଂଗ୍ରାମ ବିଭୂତି ରାୟ ଧନ୍ୟବାଦ ଦେଇଥିଲେ।

### ସେବା ସପ୍ତାହ ପାଳିତ

**ନରସିଂହପୁର,୨୦।୯(ଡି.ଏନ.ଏ.):** ସ୍ଥାନୀୟ ଭାଜପା ପକ୍ଷରୁ ସେବା ସପ୍ତାହ ପାଳନ ଅବସରରେ ନରସିଂହପୁର ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଛି। ବିଜୟ ଦଳବେହେରାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମନୋଜ କୁମାର ପଣ୍ଡା, ଆଲୋକ ରଞ୍ଜନ ଜେନା, ଚିନ୍ତାମଣି ମହାଲିକ, ନିରୋଦ ବାରିକି, ମଧୁସ୍ମିତା ରଣା, ପ୍ରତାପ ପୁହାଣ, ସସ୍ମିତା ବେହେରା, ସମୀର କୁମାର ସାହୁ, ଶଙ୍ଖାଳି ବେହେରା, ସଞ୍ଜୟ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଚିକିତ୍ସାଳୟ ନିକଟରେ ବୋମାମାଡ଼

**ଆଠଗଡ଼,୨୦।୯(ସ୍ୱ.ପ୍ର.)**



ବୋମାମାଡ଼ ସ୍ଥଳରେ ଯାଞ୍ଚ କରାଯାଉଛି।

■ସେବା ସଦନ ଫାଟକ ଓ ଔଷଧ ଦୋକାନ କ୍ଷତିଗ୍ରସ୍ତ
■ରାଜନୈତିକ ଶତ୍ରୁତା ଓ ଚାନ୍ଦା ମଗା ଅଭିଯୋଗ

ଆଠଗଡ଼ ବ୍ଲକ ଅଧୀନ କୁଲାଇଲୋଠାରେ ଥିବା ଅନନ୍ତ ବେଉରାୟ ଆର୍ଯ୍ୟୁର୍ବେଦିକ ଚିକିତ୍ସା ସେବାସଦନ ନିକଟରେ ଗୁରୁବାର ବିଳମ୍ବିତ ରାତ୍ରିରେ ବୋମାମାଡ଼ ହୋଇଛି। ଏଥିରେ ସଦନ ମୁଖ୍ୟ ଫାଟକ ଓ ସେଠାରେ ଥିବା ଏକ ବାଇକ୍, ଏକ୍ସରେ କେନ୍ଦ୍ର ଏବଂ ଔଷଧ ଦୋକାନ କ୍ଷତିଗ୍ରସ୍ତ ହୋଇଛି। ବୋମାମାଡ଼ କରି ଦୁର୍ବୃତ୍ତ ଫେରାର ହୋଇ ଯାଇଛନ୍ତି। ଘଟଣା ସମ୍ପର୍କରେ ଶୁକ୍ରବାର ଆଠଗଡ଼ ଥାନାରେ ସଦନ ଅଧକ୍ଷ ପ୍ରତାପ ରୁଦ୍ର ବେଉରାୟ ଅଭିଯୋଗ କରିଛନ୍ତି। ପୋଲିସ ଫାଟକ ନିକଟରେ ଲାଗିଥିବା ସିସିଟିଭି ଫୁଟେଜକୁ ଆଧାର କରି ତଦନ୍ତ ଆରମ୍ଭ କରିଛି। ଆଠଗଡ଼ ଆରକ୍ଷୀ ଅଧୀକ୍ଷକ ଆଲୋକ ରଞ୍ଜନ ରାୟ ଘଟଣା ସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଛନ୍ତି। କଟକରୁ ସାଇଣ୍ଟିଫିକ୍ ଦଳ ମଧ୍ୟ ପହଞ୍ଚି ବୋମାର କିଛି ଅଂଶ ଜବତ କରିଛନ୍ତି। ବୋମାମାଡ଼ର କାରଣ ଜଣା ପଡ଼ି ନ ଥିଲେ ମଧ୍ୟ ରାଜନୈତିକ ଶତ୍ରୁତା ଓ ଚାନ୍ଦା ମଗାକୁ ନେଇ ହୋଇଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି।

ବେଉରା ଅଭିଯୋଗରେ ଦର୍ଶାଇଛନ୍ତି ଯେ, ତାଙ୍କ କୁଲାଇଲୋ ଗ୍ରାମର କେତେଜଣ ଯୁବକ କିଛିଦିନ ତଳେ ତାଙ୍କୁ ଚାନ୍ଦା ମାଗିଥିଲେ। ସେ ଚାନ୍ଦା ଦେବାକୁ ମନା କରିବାରୁ ତାଙ୍କୁ ସମ୍ପୃକ୍ତ ଯୁବକମାନେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ବିଭିନ୍ନ ସମୟରେ ଜୀବନରୁ ମାରିଦେବା ପାଇଁ ଧମକ ଦେଉଥିଲେ। ହେଲେ ସେ ଏହାକୁ ଗୁରୁତ୍ୱ ଦେଇ ନ ଥିଲେ। ଗୁରୁବାର ବେଉରାଙ୍କ ମଝିଆଁ ପୁଅ ଗିରିଶ ବେଉରାୟ ସଦନରେ ଶୋଇଥିବା ଜାଣି ଦୁର୍ବୃତ୍ତ ମୁଖାପିନ୍ଧି ଆସି ସଦନ ମୁଖ୍ୟଫାଟକକୁ ବୋମାମାଡ଼ କରିଥିଲେ। ସଦନ ମଧ୍ୟରେ ସୁରକ୍ଷା କର୍ମୀ ଅସିବାବେଳକୁ ଦୁର୍ବୃତ୍ତ ଖୁଣ୍ଟୁଣୀ-ନରସିଂହପୁର ମୁଖ୍ୟରାସ୍ତାରୁ କୁଲାଇଲୋ ହାଇସ୍କୁଲ ଦେଇ ଜଙ୍ଗଲ ଭିତରକୁ ପଳାଇଥିଲେ। ବୋମା ବିସ୍ଫୋରଣ ପରେ ଭୟଙ୍କର ଶବ୍ଦରେ ସମଗ୍ର ଅଞ୍ଚଳ ଥରି ଉଠିଥିଲା। ସଦନରେ ଚିକିତ୍ସିତ ହେଉଥିବା ଅନ୍ତେବାସୀ ଆତଙ୍କିତ ହୋଇ ପଡ଼ିଥିଲେ। ତେଣୁ ଚାନ୍ଦା ମାଗିଥିବା ଯୁବକମାନେ ଏହି କାଣ୍ଡ ଘଟାଇଥିବା ନେଇ ବେଉରାୟ ସନ୍ଦେହ କରୁଥିବା ଅଭିଯୋଗରେ ଉଲ୍ଲେଖ କରିଛନ୍ତି।

### ରାଶନ ସାମଗ୍ରୀ ନ ପାଇ ଡିଲରଙ୍କୁ ଘେରାଉ ଘଟଣା

# ଉପଜିଲାପାଳଙ୍କୁ ଅଭିଯୋଗ ପରେ ପ୍ରଶାସନ ତତ୍ପର

**ରଘୁନାଥପୁର, ୨୦।୯ (ଡି.ଏନ.ଏ.)**

**ଧରିତ୍ରୀ ପ୍ରଭାବ**

■୨୪ ଘଣ୍ଟା ମଧ୍ୟରେ ପହଞ୍ଚିଲା ଚାଉଳ, ଗହମ

ରଘୁନାଥପୁର ବ୍ଲକ ପୁରୁଣାବସନ୍ତ ପଞ୍ଚାୟତ ଦେଉଳସାହି ଗାଁରେ ରାଶନ ସାମଗ୍ରୀ ନ ପାଇ ଡିଲରଙ୍କୁ ଗୁରୁବାର ରାଶନ କାର୍ଡଧାରୀମାନେ ଘେରାଉ କରି ରଖିଥିଲେ। ଏ ସମ୍ପର୍କିତ ଖବର ଶୁକ୍ରବାର ‘ଧରିତ୍ରୀ’ରେ ପ୍ରକାଶ ପାଇବା ପରେ ଘଟଣାକୁ ପ୍ରଶାସନ ଗୁରୁତର ସହ ନେଇ ତତ୍ପର ହୋଇଛି। ଉପଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ ପରେ ୨୪ ଘଣ୍ଟା ମଧ୍ୟରେ ଡିଲର ପଏଣ୍ଟରେ ଚାଉଳ, ଗହମ ପହଞ୍ଚାଇଛନ୍ତି ଲେବୁଲ ୨ କଣ୍ଟ୍ରାକ୍ଟର। ଫଳରେ ରାଶନ କାର୍ଡଧାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରଶମିତ ହୋଇଛି।

ଡିଲର ଦୁର୍ଗା ଚରଣ ସାହୁ ଡ୍ରାଫ୍ଟ ମାଧ୍ୟମରେ ଟଙ୍କା ଜମା କରିଥିଲେ ସୁଧା କଣ୍ଟ୍ରାକ୍ଟର ରାଶନ ସାମଗ୍ରୀ ପହଞ୍ଚାଇବାରେ ବିଳମ୍ବ ପ୍ରଦର୍ଶନ କରିବାରୁ ରାଶନ କାର୍ଡଧାରୀମାନେ ଗୁରୁବାର ଡିଲର ସାହୁଙ୍କୁ ଦାୟୀ କରି ଘେରାଉ କରିଥିଲେ। ଏ ସମ୍ପର୍କରେ ଏମ୍‌ଆଇ ମୋଚ୍ଛିରାମ ଦାସ ଓ ଉପଜିଲାପାଳ ମହେନ୍ଦ୍ର ପ୍ରସାଦ ମହାନ୍ତିଙ୍କୁ ସମସ୍ୟା ସମ୍ପର୍କରେ ଅବଗତ କରାଯାଇଥିଲା। ତେବେ ଏମ୍‌ଆଇ ଦାସ କାର୍ଯ୍ୟବ୍ୟସ୍ତ ଥାଇ ସୁଦ୍ଧା ଫୋନ ମାଧ୍ୟମରେ ଖୁବ୍‌ଶୀଘ୍ର ଚାଉଳ, ଗହମ ପଠାଇବାର ପ୍ରତିଶ୍ରୁତି ଦେବା ପରେ ରାଶନ କାର୍ଡଧାରୀମାନେ ଦୁଇଦିନ ମହଲତ ଦେଇ ସ୍ଥାନ ପରିତ୍ୟାଗ କରିଥିଲେ। ଶୁକ୍ରବାର ଡିଲର ସାହୁ ଉପଜିଲାପାଳଙ୍କୁ ଏ ସମ୍ପର୍କରେ ଲିଖିତ ଅଭିଯୋଗ କରିଥିବା ବେଳେ କଣ୍ଟ୍ରାକ୍ଟରଙ୍କ ପକ୍ଷରୁ ଡିଲର ପଏଣ୍ଟକୁ ବିଗତ ୬ ମାସ ମଧ୍ୟରେ ପଠାଯାଇଥିବା ରାଶନ ସାମଗ୍ରୀର ସମୟସୀମା ଅନୁଧ୍ୟାନ କରାଯିବ ବୋଲି ଏମ୍‌ଆଇ ଦାସ ପ୍ରକାଶ କରିଛନ୍ତି। ପ୍ରଶାସନର ଦ୍ରୁତ ପଦକ୍ଷେପକୁ ଅଞ୍ଚଳବାସୀଙ୍କ ପକ୍ଷରୁ ପ୍ରଶଂସା କରାଯାଇଛି। ଅନ୍ୟପକ୍ଷରେ ଗୁରୁବାର ରାତି ୮ଟାରେ ଡିଲର ପଏଣ୍ଟରେ ଦୁଇମାସର ରାଶନ ସାମଗ୍ରୀ ପହଞ୍ଚିଥିଲା। ଶନିବାର ଏହାକୁ ବଣ୍ଟନ କରାଯିବ ବୋଲି ଡିଲର ସାହୁ ପ୍ରକାଶ କରିଛନ୍ତି।



ଦେଉଳିସାହିରେ ପହଞ୍ଚିଥିବା ରାଶନ ସାମଗ୍ରୀ।

# କୁସୁପଙ୍ଗି ପଞ୍ଚାୟତରେ ଜିଲାପାଳଙ୍କ ଗୋପଦ କାର୍ଯ୍ୟକ୍ରମ

**ବାଙ୍କୀ,୨୦।୯(ସ୍ୱ.ପ୍ର.)**

କଟକ ଜିଲାପାଳ ଭବାନୀଶଙ୍କର ଚୟନୀଙ୍କ ଦ୍ୱାରା ଶୁକ୍ରବାର ଡମପଡ଼ା ବ୍ଲକ ଅଧୀନ କୁସୁପଙ୍ଗି ପଞ୍ଚାୟତରେ ଗୋପଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଜିଲାପାଳ ଓ ଅନ୍ୟ ଅଧିକାରୀ ଯୋଗ ଦେଇଥିଲେ। ପଞ୍ଚାୟତର ରାଜୀବ ନଗରଠାରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଜିଲାପାଳଙ୍କୁ ମହିଳାମାନେ ସ୍ୱାଗତ କରିବା ସହିତ ସେମାନଙ୍କ ଅସୁବିଧା ସମ୍ପର୍କରେ ଅବଗତ କରାଇଥିଲେ। ଜିଲାପାଳ ଅଭିଯୋଗ ଶୁଣି ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ଜିଲାପାଳ ଡମପଡ଼ା- ଚନ୍ଦକା ଅଭୟାରଣ୍ୟ ମଧ୍ୟରେ ଥିବା ୫ଟି ଗ୍ରାମକୁ ଯାଇଥିଲେ। ସେଠାରେ ଡାହାଣୀ ଗାଡିଆ ଗ୍ରାମର ମୁରଲୀଧର ପ୍ରଧାନ ଭିନ୍ନକ୍ଷମ ଭତ୍ତା ପାଇ ନ ଥିବାରୁ ତୁରନ୍ତ ତାଙ୍କୁ ଭତ୍ତା ପ୍ରଦାନ ପାଇଁ ତହସିଲଦାର ଓ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଡମପଡ଼ା ତହସିଲ କାର୍ଯ୍ୟାଳୟ ପରିଦର୍ଶନ କରି ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରିଥିଲେ। ବାଙ୍କୀ ଉପଜିଲାପାଳ ଅରୁଣ ବିଶ୍ୱାଳ, ଡମପଡ଼ା ବିଡିଓ ଆର୍ତ୍ତବନ୍ଧୁ ଲେଙ୍କା, ବାଙ୍କୀ ତହସିଲଦାର ପଦ୍ମଚରଣ ସାହୁ, ଡମପଡ଼ା ତହସିଲଦାର ଇନ୍ଦୀରା ସାହୁ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶାରଦା ପ୍ରସାଦ ମହାନ୍ତି, ଡମପଡ଼ା ଚନ୍ଦକା ଅଭୟାରଣ୍ୟ ଡିଏଫଓ ଏବଂ ଅନ୍ୟ ବିଭାଗୀୟ ଅଧିକାରୀମାନେ ପରିଦର୍ଶନବେଳେ ଉପସ୍ଥିତ ଥିଲା। ଜିଲାପାଳଙ୍କ ବାଙ୍କୀ ଗସ୍ତର ଏହା ଥିଲା ଦ୍ୱିତୀୟ ଦିନ।



ଜିଲାପାଳ ସ୍ଥାନୀୟ ଲୋକଙ୍କ ସମସ୍ୟା ବୁଝୁଛନ୍ତି।

### ଭାଜପା ପକ୍ଷରୁ ସେବା ସପ୍ତାହ ପାଳନ, ସମୂହ ଦୀପଦାନ

**ସାଲେପୁର,୨୦।୯(ଡି.ଏନ୍.ଏ.)**

ସାଲେପୁର ଭାଜପା ରାଇସୁଙ୍ଗୁଡ଼ା ମଣ୍ଡଳ ପକ୍ଷରୁ ସ୍ଥାନୀୟ ଓଡ଼ାସିଂହସ୍ଥିତ ପ୍ରସିଦ୍ଧ ଗରୁଡ଼ ମଠରେ ସେବା ସପ୍ତାହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବୃକ୍ଷରୋପଣ କରାଯିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୀର୍ଘ ଓ ନିରାମୟ ଜୀବନ କାମନା କରି ସମୂହ ଦୀପଦାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଭାଜପା ସଭାପତି ଚୌଧୁରୀ ହେମନ୍ତ ସାହୁ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ରାଇସୁଙ୍ଗୁଡ଼ା ଭାଜପା ମଣ୍ଡଳ କର୍ମକର୍ତ୍ତା ନୟନଭିରାମ ବିଭୂତିଭୂଷଣ ଭାନୁପ୍ରକାଶ, ଅଜୟ ଦତ୍ତ, ଶରତ ଜେନା, ଜିତେନ୍ଦ୍ର ଦାସ, ଗୌରହରି ସୁବୁଦ୍ଧି, ଚୈତନ୍ୟ ରାଉତ, ଅଲେଖ ଜେନା ଓ ପ୍ରଶାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ବାରଙ୍ଗ ହତ୍ୟା ଘଟଣା: ଅଭିଯୁକ୍ତ ଗିରଫ

# ମଦ ପାଇଁ ଘଟିଥିଲା ହତ୍ୟାକାଣ୍ଡ

**କଟକ ଅଫିସ,୨୦।୯**

ବାରଙ୍ଗ ଥାନାଞ୍ଚଳରେ ଘଟିଥିବା ହତ୍ୟାକାଣ୍ଡର ପର୍ଦ୍ଦାଫାସ କରିଛି ପୋଲିସ। ସବୁରି ମୂଳରେ ମଦ। ଜଣଙ୍କ ବୟସ ୪୦ ଓ ଅନ୍ୟଜଣଙ୍କ ବୟସ ୨୭ ତଥାପି ମଦ ପାଇଁ ଦୁଇଜଣ ସାଥୀ ହୋଇଥିଲେ। ଅନେକ ସମୟରେ ସାଥିହୋଇ ମଦ ପିଉଥିଲେ। ତେବେ ମଦ ପିଇବା ବେଳେ ଝଗଡା ହେବାରୁ ରାଗରେ ନିଜ ସାଥୀକୁ ହତ୍ୟାକଲେ। ଏହି ହତ୍ୟା ଅଭିଯୋଗରେ ବାରଙ୍ଗ ପୋଲିସ ପାଞ୍ଚପାଳ ଅଞ୍ଚଳର ରାଜା ଓରଫ ଶୁଭ୍ରାଂଶୁ ଶେଖର ରଥ(୨୭)ଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଏଥି ସହିତ ହତ୍ୟାରେ ବ୍ୟବହୃତ ମାରଣାସ୍ତ୍ର, ବାଉଁଶ ଓ ଏକ ବାଇକ ଜବତ କରାଯାଇଛି ବୋଲି ଶୁକ୍ରବାର କଟକ ଡିସିପିଙ୍କ କାର୍ଯ୍ୟାଳରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଡିସିପି ଅଖିଳେଶ୍ୱର ସିଂ କହିଛନ୍ତି।

ଖବରଦାତା ସମ୍ମିଳନୀରେ ମିଳିଥିବା ସୂଚନା ଅନୁଯାୟୀ, ବାରଙ୍ଗ ଥାନା ଅନ୍ତର୍ଗତ ପାଞ୍ଚପାଳ ତାରିଣୀ ମନ୍ଦିର ନିକଟରେ ଗତ ୧୧ରେ ଅଚିହ୍ନା ମୃତଦେହ ପଡିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ସୂଚନା ଦେଇଥିଲେ। ମୃତ ବ୍ୟକ୍ତିଙ୍କ ମୁଣ୍ଡ ଓ ମୁହଁରେ ଗଭୀର କ୍ଷତ ହୋଇଥିଲା। ପୋଲିସ ମୃତଦେହ ଜବତ କରିବା ସହ ଏକ ମାମଲା(ନଂ.୧୫୦/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରେ ମୃତକ ଜଣକ ଚନ୍ଦକା ଥାନା ଚଡାଙ୍ଗର ମଣ୍ଟୁ ମଣ୍ଡଳ(୪୦) ବୋଲି ପୋଲିସ ଜାଣିବାକୁ ପାଇଥିଲା। ମଣ୍ଟୁ ଓ ରାଜା ମଧ୍ୟରେ କିଛିଦିନ ହେବ ପରିଚୟ ହୋଇଥିଲା। ଦୁଇ ଜଣ ମିଶି କାମ କରିବାକୁ ଯାଉଥିଲେ। ଗତ ୧୦ ତାରିଖ ରାତିରେ ସେମାନେ ମଦ ପିଇବାକୁ ତାରିଣୀ ମନ୍ଦିର ନିକଟ ଏକ ପଡିଆରେ ବସିଥିଲେ। ମଦ ପିଇବାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ରାଜା ଏକ ବାଉଁଶରେ ମଣ୍ଟୁଙ୍କ ମୁଣ୍ଡକୁ ପିଟିବା ସହ ମାରଣାସ୍ତ୍ର ଶରୀରକୁ ବିଭିନ୍ନ ସ୍ଥାନକୁ ହାଣି ଦେଇଥିଲେ। ଘଟଣା ପରେ ସେ ଫେରାର ହୋଇଯାଇଥିବାବେଳେ ପୋଲି ଶୁକ୍ରବାର ତାଙ୍କ ଘରୁ ତାଙ୍କୁ ଗିରଫ କରିଛି।



ନରସିଂହପୁର ଥାନା ଦେବଭୂଇଁ ପଞ୍ଚାୟତ ସେରମୁଣ୍ଡା ଘାଟିରେ ଶୁକ୍ରବାର ଏକ ବୋଲେରୋ ଓ ଟିପ୍ପର ମଧ୍ୟରେ ଦୁର୍ଘଟଣା ଘଟି ଟିପ୍ପର ପଛ ଚକା ବାହାରି ଯାଇଥିବାବେଳେ ବୋଲେରୋ ସାମ୍ନାପଟ ଭାଙ୍ଗିଯାଇଛି।

### ଚନ୍ଦକା-ଡମପଡ଼ା ଅଭୟାରଣ୍ୟ

# ବର୍ଷସାରା ନାଇଟ୍, ଫୁଟ୍ ପାଟ୍ରୋଲିଂ ପାଇଁ ନିର୍ଦ୍ଦେଶ

**ଭୁବନେଶ୍ୱର, ୨୦।୯(ବ୍ୟୁରୋ)**

ଚନ୍ଦକା-ଡମପଡ଼ା ଅଭୟାରଣ୍ୟରେ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ତତ୍ପର ହୋଇଛି ବନ ବିଭାଗ। ବର୍ଷ ସାରା ଏହି ଅଭୟାରଣ୍ୟରେ ନାଇଟ୍ ପାଟ୍ରୋଲିଂ ଏବଂ ଫୁଟ୍ ପାଟ୍ରୋଲିଂ ନିୟମିତ ଭାବେ କରିବାକୁ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ଅଭୟାରଣ୍ୟରେ ହାତୀଙ୍କ ସୁରକ୍ଷା ଓ ପରିଚାଳନା ପାଇଁ ଆସୁଥିବା ଅର୍ଥର ସୁବିନିଯୋଗ କରିବା ଏବଂ ଅର୍ଥ ବ୍ୟୟ ସମୟରେ ସ୍ୱଚ୍ଛତା ଅବଲମ୍ବନ କରିବା ପାଇଁ ମନ୍ତ୍ରୀ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ବର୍ତ୍ତମାନ ଅଭୟାରଣ୍ୟରେ ୧୨ଟି ୱାଚ୍ ଟାୱାର ଅଛି, ଯାହାକି ପର୍ଯ୍ୟାପ୍ତ ନୁହେଁ। ତେଣୁ ହଜବନ୍ଧଠାରେ ଆଉ ଏକ ୱାଚ୍ ଟାୱାର ନିର୍ମାଣ ନିମନ୍ତେ ଅନୁମୋଦିତ ୨୦ଲକ୍ଷ ଟଙ୍କା ତୁରନ୍ତ ଉପଯୋଗ କରି ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ମନ୍ତ୍ରୀ ଆରୁଖ ନିର୍ଦ୍ଦେଶ ଦେଇଥିଲେ। ଶୁକ୍ରବାର ଅଚାନକ ମନ୍ତ୍ରୀ ପରିଦର୍ଶନରେ ଆସି ଅଭୟାରଣ୍ୟ ସ୍ଥିତ ଗୋଡ଼ିବାରି, କୁମାରଖୁଣ୍ଟି, ଡେରାସ ଏବଂ ଅମ୍ବିଲୋ ପ୍ରଭୃତି ସ୍ଥାନ ବୁଲି ଦେଖିଥିଲେ। ଏଥିସହ ଅଭୟାରଣ୍ୟର ପରିଚାଳନା ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି ସମୟରେ ବନଖଣ୍ଡ ଅଧିକାରୀ, ସହକାରୀ ବନ ସଂରକ୍ଷକ, ରେଞ୍ଜ ଅଫିସର, ଫରେଷ୍ଟର ତଥା ଅନ୍ୟାନ୍ୟ ବନ କର୍ମଚାରୀ ଉପସ୍ଥିତ ଥିଲେ। ଅଭୟାରଣ୍ୟର ସୁରକ୍ଷା, ଜୀବଜନ୍ତୁଙ୍କ ସୁରକ୍ଷା, ମଣିଷ ଓ ବନ୍ୟପ୍ରାଣୀ ସଂଘର୍ଷର ଠିକ୍ ପରିଚାଳନା, ବନୀକରଣ, ପରିବେଶ ପର୍ଯ୍ୟଟନ ପ୍ରଭୃତି ବିଭିନ୍ନ ପ୍ରସଙ୍ଗ ଉପରେ ମନ୍ତ୍ରୀ ସମୀକ୍ଷା କରିଥିଲେ। ଜଙ୍ଗଲ ନିଆଁ ନିର୍ବାପକ ସ୍କ୍ୱାଡ୍ ଆବଶ୍ୟକୀୟ ସାମଗ୍ରୀ ସହ ସର୍ବଦା ପ୍ରସ୍ତୁତ ରହିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

### ଗୋଷ୍ଠୀସ୍ତରୀୟ ପରାମର୍ଶ ଶିବିର

**ଆଠଗଡ଼,୨୦।୯(ସ୍ୱ.ପ୍ର.)**

ଆଠଗଡ଼ ଅଞ୍ଚଳର ବେକାର ଯୁବତୀଯୁବକଙ୍କୁ ବିଭିନ୍ନ ପ୍ରକଳ୍ପରେ ତାଲିମ ପ୍ରଦାନ ନିମନ୍ତେ ଶୁକ୍ରବାର ଏକ ଗୋଷ୍ଠସ୍ତରୀୟ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଆଠଗଡ ବ୍ଲକ ପକ୍ଷରୁ ଏହି ଶିବିର ଏନଏସି ସନ୍ନିକଟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଥିଲା। ମଣ୍ଡଳ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସଂଯୋଜକ ବିଭୂତି ଭୂଷଣ ଛାଟୋଇ, ଓଡ଼ିଶା ଜୀବିକା ମିଶନ ବ୍ଲକ ସଂଯୋଜକ ପରେଶ କୁମାର ପୃଷ୍ଟି, ଆଠଗଡ ବିଧାୟକଙ୍କ ପ୍ରତିନିଧି ରଞ୍ଜନ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଶିବିରର ଆୟୋଜନକୁ ପ୍ରଶଂସା କରିଥିଲେ। ୧୯ଟି ପ୍ରକଳ୍ପରେ ତାଲିମ ନେବା ପାଇଁ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଯୁବତୀଯୁବକ ନାମ ପଞ୍ଜୀକୃତ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ସେମାନଙ୍କୁ ତାଲିମ ପ୍ରଦାନ ସହ ବିଭିନ୍ନ ସଂସ୍ଥାରେ ନିୟୋଜନ କରାଯିବ ବୋଲି ଗ୍ରାମ ଉନ୍ନୟନ ସଂସ୍ଥାର ଜିଲା ସଂଯୋଜକ ଛାଟୋଇ ସୂଚନା ଦେଇଛନ୍ତି। ଶିବିରକୁ ବିନୋଦ ପଣ୍ଡା, ସଂଯୁକ୍ତା ମହାନ୍ତି, ଭାଗ୍ୟଶ୍ରୀ ମଲ୍ଲିକ ଓ ଗଗନ ଷଡ଼ଙ୍ଗୀ ପରିଚାଳନା କରିଥିଲେ।

### ବିଶ୍ୱବ୍ୟାଙ୍କ୍ ପ୍ରତିନିଧିଙ୍କ ସାଲେପୁର କଲେଜ ପରିଦର୍ଶନ

# ଅର୍ଥ ବିନିଯୋଗ ଉପରେ ଆଲୋଚନା



ସାଲେପୁର କଲେଜ ପରିଦର୍ଶନରେ ଆସିଥିବା ବିଶ୍ୱବ୍ୟାଙ୍କ ପ୍ରତିନିଧି ଓ କଲେଜ କର୍ମକର୍ତ୍ତା।

**ସାଲେପୁର,୨୦।୯(ଡି.ଏନ.ଏ.)**

ସାଲେପୁର କଲେଜକୁ ଶୁକ୍ରବାର ବିଶ୍ୱବ୍ୟାଙ୍କ ପ୍ରତିନିଧି ଦଳ ପରିଦର୍ଶନ କରିଛନ୍ତି। ଏହି ସମୟରେ ସେମାନେ କଲେଜର ଉନ୍ନତି ପାଇଁ ବିଶ୍ୱବ୍ୟାଙ୍କ୍ ଯୋଗାଇ ଦେଉଥିବା ଅର୍ଥରାଶିକୁ କିପରି ବିନିଯୋଗ କରାଯିବ ସେ ସମ୍ପର୍କରେ କଲେଜ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ପ୍ରତିନିଧି ଦଳରେ ଡ. କର୍ଟ ଲାରସେନ୍, ପୂର୍ଭାସା, ନେହା, ବିଜୟାନ୍, ବିନାୟକ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। କଲେଜ ଅଧକ୍ଷ ଡ. ବସନ୍ତ ରାଉତ ପ୍ରତିନିଧିମଣ୍ଡଳୀଙ୍କୁ ସ୍ୱାଗତ କରିବା ସହ କଲେଜର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଏହାପରେ ପ୍ରତିନିଧି ଦଳଙ୍କୁ ଡ. ଉମେଶ ଚନ୍ଦ୍ର ପତି ପ୍ରୋଜେକ୍ଟର ମାଧ୍ୟମରେ କଲେଜର ବିଭିନ୍ନ କାର୍ଯ୍ୟକ୍ରମ ଦେଖାଇଥିଲେ। ବିଶ୍ୱବ୍ୟାଙ୍କ ପ୍ରତିନିଧିଙ୍କ ପରିଦର୍ଶନ ସମୟରେ ଡ. ପ୍ରକାଶିନୀ ରାୟ, ଡ. ଅସିତ୍ ପରିଜା, ଡ. ଦେବେନ୍ଦ୍ର ନାରାୟଣ ପତ୍ରୀ, ପ୍ରଶାସନିକ ଅଧିକାରୀ ଡ. ସଙ୍ଗୀତା ମିଶ୍ର, ଡ. ସୁଶାନ୍ତ ନାୟକ, ଶିଶିର ଦାସ, ଭକ୍ତିପଦ ମିଶ୍ର, ସଞ୍ଜୟ କୁମାର ନାୟକଙ୍କ ସମେତ କଲେଜର ସମସ୍ତ କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



ଯଦି ନୀଚ ଲୋକଠାରେ ଦିବ୍ୟଗୁଣ ଥାଏ, ତାକୁ ଦରକାର ହେଲେ ଗ୍ରହଣ କରିବା ଉଚିତ୍।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ଟ୍ରଲର ପଛରେ ପିଟିଲା ହାଇୱା, ୨ ମୃତ

**ବାଲିଅନ୍ତା,୨୦।୯(ଡି.ଏନ.ଏ.):** ଭୁବନେଶ୍ୱର-କଟକ ୧୬ନଂ ଜାତୀୟ ରାଜପଥର ପାହଳ ନିକଟ ୨୨ତାଲା ସମ୍ମୁଖରେ ଶୁକ୍ରବାର ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଲୁହା ପ୍ଲେଟ ବୋଝେଇ ଟ୍ରଲର ପଛରେ ଟିପ୍ପ ବୋଝେଇ ଏକ ହାଇୱା ଧକ୍କା ଦେବାରୁ ଘଟଣାସ୍ଥଳରେ ଡ୍ରାଇଭର ଓ ହେଲପରଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ପରିଚୟ ମିଳିପାରି ନ ଥିବାବେଳେ ଧକ୍କା ଏତେ ଜୋରରେ ହୋଇଥିଲା ଯେ, ଡ୍ରାଇଭର ଓ ହେଲପର ଚାପି ହୋଇ ରହିଯାଇଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀ ଓ ଓଡ୍ରାଫ ଟିମ ପହଞ୍ଚି କଟର ମେଶିନ ଦ୍ୱାରା ହାଇୱାର ଡାଲାକୁ କଟାଯାଇ ଦୁଇଘଣ୍ଟା ପରେ ଡ୍ରାଇଭରଙ୍କୁ ବାହାର କରିଥିଲେ ସୁଦ୍ଧା ତାଙ୍କ ଗୋଡଟି ଆଗବଡ଼ିରେ ଲାଗିଯାଇଥିଲା। ଦୀର୍ଘ ୩ଘଣ୍ଟାର ଚେଷ୍ଟା ପରେ ସମ୍ପୂର୍ଣ୍ଣ ପଦାକୁ ବାହାର କରାଯାଇଥିଲା। ସ୍ଥାନୀୟ ପୋଲିସ ପହଞ୍ଚି ଉଭୟଙ୍କୁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲେ। ଦୁର୍ଘଟଣା ଯୋଗୁ ୩ ଘଣ୍ଟା ପର୍ଯ୍ୟନ୍ତ ରାସ୍ତାରେ ଟ୍ରାଫିକ ଜାମ ଲାଗି ରହିଥିବାବେଳେ ବାଲିଅନ୍ତା ଓ ପାହାଳ ଫାଣ୍ଡି ଚଳାଚଳ ବ୍ୟବସ୍ଥା କରିଥିଲେ।

### ଚନ୍ଦକା-ଡମପଡ଼ା ଅଭୟାରଣ୍ୟ
### ବର୍ଷସାରା ନାଇଟ୍, ଫୁଟ୍ ପାଟ୍ରୋଲିଂ ପାଇଁ ନିର୍ଦ୍ଦେଶ

**ଭୁବନେଶ୍ୱର, ୨୦।୯(ବ୍ୟୁରୋ):** ଚନ୍ଦକା-ଡମପଡ଼ା ଅଭୟାରଣ୍ୟରେ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ତତ୍ପର ହୋଇଛି ବନ ବିଭାଗ। ବର୍ଷ ସାରା ଏହି ଅଭୟାରଣ୍ୟରେ ନାଇଟ୍ ପାଟ୍ରୋଲିଂ ଏବଂ ଫୁଟ୍ ପାଟ୍ରୋଲିଂ ନିୟମିତ ଭାବେ କରିବାକୁ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ଅଭୟାରଣ୍ୟରେ ହାତୀଙ୍କ ସୁରକ୍ଷା ଓ ପରିଚାଳନା ପାଇଁ ଆସୁଥିବା ଅର୍ଥର ସୁବିନିଯୋଗ କରିବା ଏବଂ ଅର୍ଥ ବ୍ୟୟ ସମୟରେ ସ୍ୱଚ୍ଛତା ଅବଲମ୍ବନ କରିବା ପାଇଁ ମନ୍ତ୍ରୀ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ବର୍ତ୍ତମାନ ଅଭୟାରଣ୍ୟରେ ୧୨ଟି ୱାଚ୍ ଟାୱାର ଅଛି, ଯାହାକି ପର୍ଯ୍ୟାପ୍ତ ନୁହେଁ। ତେଣୁ ହଜବନ୍ଧଠାରେ ଆଉ ଏକ ୱାଚ୍ ଟାୱାର ନିର୍ମାଣ ନିମନ୍ତେ ଅନୁମୋଦିତ ୨୦ଲକ୍ଷ ଟଙ୍କା ତୁରନ୍ତ ଉପଯୋଗ କରି ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ମନ୍ତ୍ରୀ ଆରୁଖ ନିର୍ଦ୍ଦେଶ ଦେଇଥିଲେ। ଶୁକ୍ରବାର ଅଚାନକ ମନ୍ତ୍ରୀ ପରିଦର୍ଶନରେ ଆସି ଅଭୟାରଣ୍ୟ ସ୍ଥିତ ଗୋଡ଼ିବାରି, କୁମାରଖୁଣ୍ଟି, ଡେରାସ ଏବଂ ଅମ୍ପିଲୋ ପ୍ରଭୃତି ସ୍ଥାନ ବୁଲି ଦେଖିଥିଲେ। ଏଥିସହ ଅଭୟାରଣ୍ୟର ପରିଚାଳନା ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି ସମୟରେ ବନଖଣ୍ଡ ଅଧିକାରୀ, ସହକାରୀ ବନ ସଂରକ୍ଷକ, ରେଞ୍ଜ ଅଫିସର, ଫରେଷ୍ଟର ତଥା ଅନ୍ୟାନ୍ୟ ବନ କର୍ମଚାରୀ ଉପସ୍ଥିତ ଥିଲେ।

■ବାରଙ୍ଗ ହତ୍ୟା ଘଟଣା: ଅଭିଯୁକ୍ତ ଗିରଫ

# ମଦ ପାଇଁ ଘଟିଥିଲା ହତ୍ୟାକାଣ୍ଡ

**କଟକ ଅଫିସ,୨୦।୯**

ବାରଙ୍ଗ ଥାନାଞ୍ଚଳରେ ଘଟିଥିବା ହତ୍ୟାକାଣ୍ଡର ପର୍ଦ୍ଦାଫାଶ କରିଛି ପୋଲିସ। ସବୁରି ମୂଳରେ ମଦ। ଜଣଙ୍କ ବୟସ ୪୦ ଓ ଅନ୍ୟଜଣଙ୍କ ବୟସ ୨୭ ତଥାପି ମଦ ପାଇଁ ଦୁଇଜଣ ସାଥୀ ହୋଇଥିଲେ। ଅନେକ ସମୟରେ ସାଥିହୋଇ ମଦ ପିଉଥିଲେ। ତେବେ ମଦ ପିଇବା ବେଳେ ଝଗଡା ହେବାରୁ ରାଗରେ ନିଜ ସାଥୀକୁ ହତ୍ୟାକଲେ। ଏହି ହତ୍ୟା ଅଭିଯୋଗରେ ବାରଙ୍ଗ ପୋଲିସ ପାଞ୍ଚପାଳ ଅଞ୍ଚଳର ରାଜା ଓରଫ ଶୁଭ୍ରାଂଶୁ ଶେଖର ରଥ(୨୭)ଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଏଥି ସହିତ ହତ୍ୟାରେ ବ୍ୟବହୃତ ମାରଣାସ୍ତ୍ର, ବାଉଁଶ ଓ ଏକ ବାଇକ(ଓଆର୦୫ଏକେ-୯୫୫୩) ଜବତ କରାଯାଇଛି ବୋଲି ଶୁକ୍ରବାର କଟକ ଡିସିପିଙ୍କ କାର୍ଯ୍ୟାଳରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଡିସିପି ଅଖିଳେଶ୍ୱର ସିଂ କହିଛନ୍ତି।

ଖବରଦାତା ସମ୍ମିଳନୀରେ ମିଳିଥିବା ସୂଚନା ଅନୁଯାୟୀ, ବାରଙ୍ଗ ଥାନା ଅନ୍ତର୍ଗତ ପାଞ୍ଚପାଳ ତାରିଣୀ ମନ୍ଦିର ନିକଟରେ ଗତ ୧୧ ତାରିଖରେ ଅଚିହ୍ନା ମୃତଦେହ ପଡିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ସୂଚନା ଦେଇଥିଲେ। ମୃତ ବ୍ୟକ୍ତିଙ୍କ ମୁଣ୍ଡ ଓ ମୁହଁରେ ଗଭୀର କ୍ଷତ ହୋଇଥିଲା। ପୋଲିସ ମୃତଦେହ ଜବତ କରିବା ସହ ଏକ ମାମଲା(ନଂ.୧୫୦/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରେ ମୃତକ ଜଣକ ଚନ୍ଦକା ଥାନା ଚଡାଙ୍ଗର ମଣ୍ଟୁ ମଣ୍ଡଳ(୪୦) ବୋଲି ପୋଲିସ ଜାଣିବାକୁ ପାଇଥିଲା। ମଣ୍ଟୁ ଓ ରାଜା ମଧ୍ୟରେ କିଛିଦିନ ହେବ ପରିଚୟ ହୋଇଥିଲା। ଦୁଇ ଜଣ ମିଶି କାମ କରିବାକୁ ଯାଉଥିଲେ। ଗତ ୧୦ ତାରିଖ ରାତିରେ ସେମାନେ ମଦ ପିଇବାକୁ ତାରିଣୀ ମନ୍ଦିର ନିକଟ ଏକ ପଡିଆରେ ବସିଥିଲେ। ମଦ ପିଇବାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ରାଜା ଏକ ବାଉଁଶରେ ମଣ୍ଟୁଙ୍କ ମୁଣ୍ଡକୁ ପିଟିବା ସହ ମାରଣାସ୍ତ୍ରରେ ଶରୀରକୁ ବିଭିନ୍ନ ସ୍ଥାନକୁ ହାଣି ଦେଇଥିଲେ। ଘଟଣା ପରେ ସେ ଫେରାର ହୋଇଯାଇଥିବାବେଳେ ପୋଲି ଶୁକ୍ରବାର ତାଙ୍କ ଘରୁ ତାଙ୍କୁ ଗିରଫ କରିଛି।



କଟକ ବାଲିଯାତ୍ରା ପଡ଼ିଆରେ ଶପିଂ ଫେଷ୍ଟିଭାଲକୁ ଶୁକ୍ରବାର ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ ଫିତା କାଟି ଉଦ୍‌ଘାଟନ କରୁଛନ୍ତି।

## ଚୂନଭାଟି ହତ୍ୟା ଘଟଣା: ଅଭିଯୁକ୍ତ ଗିରଫ

**କଟକ ଅଫିସ, ୨୦।୯**

ଲାଲ୍‌ବାଗ ଥାନା ଅଧୀନ ଚୂନଭାଟି ଅଞ୍ଚଳରେ ବୁଧବାର ରାତିରେ କାର୍ତ୍ତିକ ବାରିକ(୩୦) ଓରଫ ଗୁଡୁଙ୍କୁ ଛୁରି ଭୁସି ହତ୍ୟା କରାଯାଇଥିଲା। ଏହି ଘଟଣାର ଅଭିଯୁକ୍ତ ଚୂନଭାଟି ଅଞ୍ଚଳର ସଞ୍ଜୀବ ମିର୍ଦ୍ଧାଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ପଚରାଉଚରା ବେଳେ ସେ ଗୁଡୁଙ୍କୁ ହତ୍ୟା କରିଛନ୍ତି ବୋଲି ସ୍ୱୀକାର କରିଥିବା ଡିସିପିଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅଖିଳେଶ୍ୱର ସିଂ ସୂଚନା ଦେଇଥିଲେ। ତେବେ ଗଞ୍ଜେଇକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ଲାଲବାଗ ଆଇଆଇସି ଆଶୁତୋଷ ମିଶ୍ର କହିଛନ୍ତି।

ଅଭିଯୋଗ ଅନୁଯାୟୀ, ଗୁଡୁ ଓ ସଞ୍ଜୀବ ପିଲାବେଳର ସାଥୀ। ଗଞ୍ଜେଇକୁ ନେଇ ବୁଧବାର ସନ୍ଧ୍ୟାରେ ଗୁଡୁଙ୍କ ଘର ସମ୍ମୁଖରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପାଟିଶୁଣି ଗୁଡୁଙ୍କ ମାଆ ଶଶୀ ବାହାରକୁ ଆସିଥିଲେ। କଳି ନ କରିବାକୁ ଉଭୟଙ୍କୁ କହିବା ସହ ପରିବାରର ଅନ୍ୟ ଲୋକଙ୍କୁ ଡାକିବାକୁ ଘର ଭିତରକୁ ଯାଇଥିଲେ। ଏହି ସମୟରେ ସଞ୍ଜୀବ ଧାରୁଆ ଛୁରି ଗୁଡୁଙ୍କ ପେଟରେ ଭୁସିଦେଇ ଫେରାର ହୋଇଯାଇଥିଲେ। ଶଶୀ ଘରୁ ବାହାରି ଦେଖିବା ବେଳକୁ ଗୁଡୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିଲେ। ଚିକିତ୍ସା ଲାଗି ତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ସଞ୍ଜୀବ ପୁରୀଘାଟ ଥାନା ଅଧୀନ ରିଂରୋଡରେ ଥିବା ଖବର ପାଇ ପୋଲିସ ତାଙ୍କୁ ଗିରଫ କରିଥିଲା।

## ଅଭିଯୁକ୍ତଙ୍କୁ ଚରିତ୍ର ସୁଧାରିବା ପାଇଁ ସୁଯୋଗ ଦେଲେ ଅଦାଲତ

**କଟକ ଅଫିସ, ୨୦।୯**

**ବ୍ୟକ୍ତିଙ୍କୁ ଗାଳି, ହତ୍ୟା ଧମକ**

ଜଣେ ବ୍ୟକ୍ତିଙ୍କୁ ଗାଳିଗୁଲଜ କରିବା ଏବଂ ଛୁରି ଦେଖାଇ ହତ୍ୟା ଧମକ ଦେବା ଅଭିଯୋଗରେ ଜେଏମ୍‌ଏଫ୍‌ସି (ସିଟି) ଦୁଇ ଅଭିଯୁକ୍ତଙ୍କୁ ଚରିତ୍ର ସୁଧାର ପାଇଁ ସୁଯୋଗ ଦେଇଛନ୍ତି। ଅଦାଲତ ଆଇପିସିର ଧାରା ୩୨୩/୩୪ ଏବଂ ପ୍ରୋବେଶନ ଅଫ ଅଫେଣ୍ଡର୍ସ ଆଇନର ୪ ଧାରାରେ ଏହି ଆଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ୨୦୧୫ ଏପ୍ରିଲ ୨୪ରେ ଏସ୍‌.କେ. ହାସନ ଓ ଏସ୍‌.କେ. ୱାହିଦ ଏତଲାକାରୀ ଯୋବ୍ରାର ଏମ୍‌ଡି ଫରୀଦଙ୍କୁ ଗାଳିଗୁଲଜ କରିବା ସହ ଛୁରି ଦେଖାଇ ହତ୍ୟା କରିବା ପାଇଁ ଧମକ ଦେଇଥିଲେ। ଏ ନେଇ ମାଲଗୋଦାମ ଥାନାରେ ଫରୀଦ ଏତଲା ଦାଏର କରିଥିଲେ।

## ୨୩ରେ ବ୍ଲକସ୍ତରୀୟ କାଉନସେଲିଂ ଶିବିର

**ଟାଙ୍ଗୀ(କଟକ),୨୦।୯(ଡି.ଏନ୍‌.ଏ)**

ଗ୍ରାମାଞ୍ଚଳର ବେକାର ଯୁବତୀ ଯୁବକଙ୍କୁ ଧନ୍ଦାମୂଳକ ତାଲିମ ଦେବା ସହ ନିଯୁକ୍ତି ପ୍ରଦାନ ଉଦ୍ଦେଶ୍ୟରେ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା (ଡିଡିୟୁ-ଜିକେୱାଇ) ଟାଙ୍ଗୀ-ଚୌଦ୍ୱାର ବ୍ଲକରେ ଶୁକ୍ରବାର ଆରମ୍ଭ ହୋଇଛି। ଏହି ଉପଲକ୍ଷେ ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକସ୍ତରୀୟ କାଉନସେଲିଂ ଶିବିର ଆସନ୍ତା ୨୩ତାରିଖରେ ଅନୁଷ୍ଠିତ ହେବ। ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଶିବିରରେ ବିଭିନ୍ନ ଏଜେନ୍ସିର କର୍ମକର୍ତ୍ତା ଯୋଗଦେଇ ଆବେଦନକାରୀଙ୍କ ସହିତ କାଉନସେଲିଂ କରିବେ। ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ୨ଟି ଗାଡିରେ ପ୍ରଚାର ଆରମ୍ଭ ହୋଇଛି। ବିଡିଓ ବିନୋଦ ସେନାପତିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଜୟଶ୍ରୀ ପ୍ରଧାନ ଅତିଥିଭାବେ ଯୋଗଦେଇଥିଲେ। ଅତିରିକ୍ତ ବିଡିଓ ଶାଶ୍ୱତ ଜେନା, କଳ୍ପତରୁ ପଣ୍ଡା, ସେକ୍ ଶାହାଜାନ, ଅମୂଲ୍ୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




ସ୍ଥାୟୀ ସମାଧାନ ଦାବିରେ ଉଠା ଦୋକାନୀ ମହାସଂଘ ପକ୍ଷରୁ ସିଏମସି ଅଫିସ ସମ୍ମୁଖରେ ଗଣଧାରଣା ଦିଆଯାଇଛି।

## ଉଠାଦୋକାନୀ ମହାସଂଘର ଗଣଧାରଣା

**କଟକ ଅଫିସ, ୨୦।୯**

ଉଠାଦୋକାନୀ ମହାସଂଘ ପକ୍ଷରୁ ଶୁକ୍ରବାରଠାରୁ କଟକ ମହାନଗର ନିଗମ(ସିଏମ୍‌ସି) ମୁଖ୍ୟ ଫାଟକ ସମ୍ମୁଖରେ ଗଣଧାରଣା ଦିଆଯାଇଛି। ସ୍ଥାୟୀ ସମାଧାନ ନ କରାଯିବା ପର୍ଯ୍ୟନ୍ତ ଉଠାଦୋକାନ ଉଚ୍ଛେଦ ବନ୍ଦ କରାଯିବା, ପ୍ରଶାସନିକ ସ୍ତରରେ ଚିହ୍ନଟ କରି ପଞ୍ଜୀକୃତ କରିବା, ବିଭିନ୍ନ ଅଞ୍ଚଳରେ ଭେଣ୍ଡିଂଜୋନ୍ କରି ପଞ୍ଜୀକୃତ ଉଠାଦୋକାନୀମାନଙ୍କୁ ଥଇଥାନ କରିବା, ପାର୍ବଣ ଋତୁ ଥିବାରୁ ଯଥାଶୀଘ୍ର ଏହାର ସ୍ଥାୟୀ ସମାଧାନ କରାଯିବା ପାଇଁ ମହାସଂଘ ପକ୍ଷରୁ ଦାବି କରାଯାଇଥିଲା। ପରେ ସିଏମ୍‌ସି କମିଶନର ଅନନ୍ୟା ଦାସ ମହାସଂଘ ସଦସ୍ୟଙ୍କ ସହିତ ଆଲୋଚନା କରିବା ପରେ ଗଣଧାରଣା ପ୍ରତ୍ୟାହୃତ ହୋଇଥିଲା। ପାର୍ବଣ ଋତୁ ସରିବା ପର୍ଯ୍ୟନ୍ତ ଯେଉଁଠି ଟ୍ରାଫିକ ସମସ୍ୟା ନ ଥିବ ସେଠାରେ ଉଠାଦୋକାନୀମାନେ ଦୋକାନ ଖୋଲିପାରିବେ ବୋଲି କମିଶନର ଦାସ କହିଥିଲେ। ଯଦି ପାର୍ବଣ ଋତୁ ପରେ ଏହି ସମସ୍ୟାର ସ୍ଥାୟୀ ସମାଧାନ ନ କରାଯାଏ, ତା'ହେଲେ ଆଗାମୀ ଦିନରେ ମହାସଂଘ ପକ୍ଷରୁ ପୁନର୍ବାର ଗଣଧାରଣା ଦିଆଯିବ ବୋଲି ସଭାପତି ସୁରେଶ ମହାନ୍ତି କହିଥିଲେ। ଏଥିରେ ମନୋଜ ବେହେରା, ଅକ୍ଷୟ କୁଅଁର, ଉମେଶ ଚନ୍ଦ୍ର ଜେନା, ବସନ୍ତ ସ୍ୱାଇଁ, ରାଜେଶ ପରିଡା, ପ୍ରଫୁଲ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ବିଭିନ୍ନ ଦାବିରେ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ

**ନିଆଳି,୨୦।୯(ଡି.ଏନ୍‌.ଏ.)**

ନିଆଳି ମହାବିଦ୍ୟାଳୟରେ ଶ୍ରେଣୀଗୃହ ଅଭାବ ଓ ପାଠପଢ଼ା ନିୟମିତ ନ ହେବାରୁ ଶୁକ୍ରବାର ଛାତ୍ରୀଛାତ୍ରମାନେ ଶ୍ରେଣୀ ବର୍ଜନ କରିବା ସହ କଲେଜର ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ କରିଥିଲେ। ଛାତ୍ରୀଛାତ୍ରଙ୍କ ଦାବି ମୁତାବକ, ଫନୀ ବାତ୍ୟାରେ ମହାବିଦ୍ୟାଳୟର ସମସ୍ତ ଆଜ୍‌ବେଷ୍ଟସ ଘର ଭାଙ୍ଗିଯାଇଥିଲା। ଏହାର ମରାମତି କରାଯାଉନାହିଁ। ଫଳରେ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ଠିକ୍‌ରେ କ୍ଲାସ ହେଉ ନ ଥିବାରୁ କୌଣସି କୋର୍ସ ଶେଷ ହୋଇନାହିଁ। କଲେଜ ଅଧ୍ୟକ୍ଷା ପ୍ରତିଭା ପାତ୍ରୀ, ଅଧ୍ୟାପକ ଡ.ପ୍ରଭାତ ମିଶ୍ର, ପ୍ରଦୀପ ସାହୁ, ସେକ୍ ଜମିଲ୍ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ଆଗାମୀ ୭ଦିନ ମଧ୍ୟରେ ଶ୍ରେଣୀଗୃହ ମରାମତି କରିବା ସହ ନିୟମିତ ପାଠପଢ଼ା କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଛାତ୍ରନେତା ମହେଶ୍ୱର ବସ୍ତିଆ, ସ୍ନେହାରାଣୀ ଦାସ,ବିକାଶ ରଞ୍ଜନ ନାୟକ, ନିରୁପମା ମିଶ୍ର, ବାସୁଦେବ ପରିଡା ପ୍ରମୁଖ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

## ମଦ ଦୋକାନ ଉଚ୍ଛେଦ ଦାବିରେ ତହସିଲ କାର୍ଯ୍ୟାଳୟ ଘେରାଉ

**ନିଆଳି,୨୦।୯(ଡି.ଏନ୍‌.ଏ.)**

ବାହାରଣା ପଞ୍ଚାୟତ ଅନ୍ତର୍ଗତ ଅଠାନ୍ତର ଛକଠାରେ ଥିବା ଏକ ସରକାରୀ ସ୍ୱୀକୃତିପ୍ରାପ୍ତ ମଦ ଦୋକାନ ଉଚ୍ଛେଦ ଦାବିରେ ଶୁକ୍ରବାର ଶତାଧିକ ଲୋକେ ନିଆଳି ତହସିଲ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏହି ଦୋକାନ ଖୋଲିବା ପରେ ଉକ୍ତ ଅଞ୍ଚଳରେ ଚୋରି, ବିଭିନ୍ନ ପ୍ରକାର ବିଶୃଙ୍ଖଳା ସୃଷ୍ଟି ହେଉଥିବା ଆନ୍ଦୋଳନକାରୀମାନେ ଅଭିଯୋଗ କରିଛନ୍ତି। ଖବରପାଇ ତହସିଲଦାର ରଞ୍ଜନ କୁମାର ଜେନା, ନିଆଳି ଥାନା ଅଧିକାରୀ ବିଜୟ କୁମାର ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଦାବି ମୁତାବକ ଜିଲାପାଳ ଓ ଏକ୍ସସାଇଜ୍ ସୁପରିଣ୍ଟେଣ୍ଡେଣ୍ଟଙ୍କ ସହ ଆଲୋଚନା କରାଯାଇ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏହି ଅବସରରେ ଆନ୍ଦୋଳନକାରୀଙ୍କ ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ତହସିଲଦାରଙ୍କୁ ପ୍ରଦାନ କରାଯାଇଥିଲା।

## ବିପର୍ଯ୍ୟୟ ବିପଦ ହ୍ରାସ ପାଇଁ ମିଳିତ ଉଦ୍ୟମ ଜରୁରୀ

**ଭୁବନେଶ୍ୱର, ୨୦।୯(ବ୍ୟୁରୋ)**

ଉତ୍କଳ ବିଶ୍ୱବିଦ୍ୟାଳୟର ଲୋକ ପ୍ରଶାସନ ବିଭାଗ ଓ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ପକ୍ଷରୁ 'ବିପର୍ଯ୍ୟୟ ବିପଦ ହ୍ରାସ ଓ ଅଣ୍ଟାସଳଖି ଠିଆ ହେବା' ଶୀର୍ଷକ ସହ ଦୁଇଦିନିଆ ଆନ୍ତର୍ଜାତିକ ସମ୍ମିଳନୀ ଶୁକ୍ରବାର କୃଷି ଭବନଠାରେ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ(ଓସ୍‌ଡମା)ର ପରିଚାଳନା ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରଦୀପ କୁମାର ଜେନା ସମ୍ମିଳନୀକୁ ଉଦ୍‌ଘାଟନ କରି କହିଥିଲେ ଯେ, ଓଡ଼ିଶାର ଭୌଗୋଳିକ ଅବସ୍ଥିତି ଓଡ଼ିଶାକୁ ଏକ ପ୍ରାକୃତିକ ବିପର୍ଯ୍ୟୟ ରାଜ୍ୟ ଭାବେ ପରିଗଣିତ କରିଛି। ୧୯୯୯ ମହାବାତ୍ୟା ପରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ସକାରାତ୍ମକ ପରିବର୍ତ୍ତନ ଆସିଛି। ପରେ ପରେ ପ୍ରଳୟଙ୍କରୀ ବାତ୍ୟା ଫାଇଲିନ୍, ହୁଡ୍‌ହୁଡ୍ ଏବଂ ତିତ୍‌ଲି ଭଳି ବିପର୍ଯ୍ୟୟକୁ ରାଜ୍ୟ ସରକାର ସଫଳତାର ସହ ପରିଚାଳନା କରିଛନ୍ତି। ଅତି ଭୟଙ୍କର ବାତ୍ୟା 'ଫନୀ'ର ମୁକାବିଲା ପାଇଁ ପ୍ରାକ୍ ପ୍ରସ୍ତୁତି ଏବଂ ଏହାର ଠିକ୍ ସଂଯୋଜନା କରାଯିବା ଦ୍ୱାରା ବହୁବିଧ ଧ୍ୱଂସ ଓ ଅପୂରଣୀୟ କ୍ଷତିକୁ ରୋକାଯାଇପାରିଛି। ପୂର୍ବରୁ ଏକାଧିକବାର ଭୟଙ୍କର ବାତ୍ୟାର କରାଳ ରୂପ ଦେଖି ଆସିଥିବା ଓଡ଼ିଶା 'ଫନୀ' ବାତ୍ୟାର ସୁଦକ୍ଷ ପରିଚାଳନା ପାଇଁ ବିଶ୍ୱ ଦରବାରରେ ପ୍ରଶଂସାର ପାତ୍ର ହୋଇପାରିଛି। ତେଣୁ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିପଦ ହ୍ରାସ ପାଇଁ ମିଳିତ ଉଦ୍ୟମ ଜରୁରୀ ବୋଲି ପ୍ରଦୀପ ଜେନା କହିଛନ୍ତି। ସରକାରୀ, ଘରୋଇ ଏବଂ ବ୍ୟକ୍ତିଗତ ଅଂଶୀଦାର ହୋଇ ମିଳିତ ଭାବେ କାର୍ଯ୍ୟ କଲେ ପ୍ରାକୃତିକ ବିପର୍ଯ୍ୟୟର ଅନେକ କ୍ଷୟକ୍ଷତିକୁ ରୋକାଯାଇପାରିବ ଏବଂ ବିପର୍ଯ୍ୟୟ ପ୍ରଭାବିତ ଲୋକେ ଅଣ୍ଟା ସଳଖି ଠିଆ ହୋଇପାରିବେ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି। କାର୍ଯ୍ୟକ୍ରମରେ ଜବାହରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟର ସ୍ପେଶାଲ ସେଣ୍ଟର ଫର୍ ଡିଜାଷ୍ଟର ରିସର୍ଚ୍ଚ(ଏସ୍‌ଡିଆର୍‌)ର ଚେୟାର୍‌ପର୍ସନ୍ ପ୍ରଫେସର ଅମିତା ସିଂହ ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟକୁ କିଭଳି ମୁକାବିଲା କରାଯାଇପାରିବ ସେ ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା କରିଥିଲେ। ବିଶ୍ୱବିଦ୍ୟାଳୟର ଲୋକ ପ୍ରଶାସନ ବିଭାଗ ମୁଖ୍ୟ ପ୍ରଫେସର ସ୍ୱର୍ଣ୍ଣମୟୀ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇ ଆଲୋଚନାଚକ୍ରର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ ଏବଂ ଏଥିରୁ ବାହାରିବାକୁ ଥିବା ନିର୍ଯ୍ୟାସ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବ ବୋଲି କହିଥିଲେ। ଦୁଇଦିନ ବ୍ୟାପୀ ଚାଲିବାକୁ ଥିବା ଏହି ସମ୍ମିଳନୀରେ ଜାତୀୟ ତଥା ଅନ୍ତର୍ଜାତୀୟ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବହୁ ଶିକ୍ଷାବିତ୍, ଗବେଷକ, ଅଧ୍ୟାପକ ଅଂଶଗ୍ରହଣ କରିଛନ୍ତି।

■ସୁନା ଶଙ୍ଖ ବିକିବା ଆଳରେ ଯୁବକଙ୍କୁ ଅପହରଣ ଘଟଣା

# ଅପହୃତ ଯୁବକ ଉଦ୍ଧାର, ୪ ଗିରଫ

**କଟକ ସଦର,୨୦।୯(ଡି.ଏନ୍‌.ଏ.)**

ଶସ୍ତାରେ ସୁନା ଶଙ୍ଖ କିଣିବାକୁ ଯାଇଥିବା କଟକ ଜିଲା କନ୍ଦରପୁର ଥାନା ଅନ୍ତର୍ଗତ ସିଦ୍ଧେଶ୍ୱରପୁର ଗ୍ରାମର ରଶ୍ମିରଞ୍ଜନ ମଲ୍ଲିକ ଓରଫ ରାଜାଙ୍କୁ ଗତ ୧୫ତାରିଖରେ କୋରାପୁଟ ଜିଲା ଜୟପୁର ବସଷ୍ଟାଣ୍ଡରୁ ଅପହରଣ କରାଯାଇଥିଲା। ଏହି ଅପହରଣ ଘଟଣାରେ ସମ୍ପୃକ୍ତ ଥିବା ୪ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବା ସହ ଅପହୃତ ଯୁବକଙ୍କୁ ଉଦ୍ଧାର କରାଯାଇଥିବା ଶୁକ୍ରବାର ସନ୍ଧ୍ୟାରେ କଟକ ଡିସିପି ଅଖିଳେଶ୍ୱର ସିଂ ସୂଚନା ଦେଇଛନ୍ତି। ଅଭିଯୁକ୍ତଙ୍କ ନିକଟରୁ ଗୋଟିଏ ବନ୍ଧୁକ, ୨ଟି ଗୁଳି ଓ ୪ଟି ମୋବାଇଲ ଫୋନ ଜବତ ହୋଇଛି।



ଗିରଫ ୪ ଅଭିଯୁକ୍ତ। ଜବତ ବନ୍ଧୁକ, ଗୁଳି ଓ ମୋବାଇଲ ଫୋନ।

ପୋଲିସ ସୂଚନା ଅନୁଯାୟୀ, ଡାବୁଗାଁ ବ୍ଲକ ଅଞ୍ଚଳର ବୁଟି ପୂର୍ବରୁ ସିଦ୍ଧେଶ୍ୱରପୁର ଗ୍ରାମରେ ଦିନ ମଜୁରିଆ ଭାବେ କାମ କରୁଥିଲେ। ଉକ୍ତ ସମୟରେ ରାଜାଙ୍କ ସହ ତାଙ୍କର ଉତ୍ତମ ସମ୍ପର୍କ ରହିଥିଲା। ସୁନା ଶଙ୍ଖ ଶସ୍ତାରେ ଅର୍ଥାତ୍ ୨ଲକ୍ଷ ଟଙ୍କାରେ କରାଇ ଦେବେ ବୋଲି ବୁଟି ପ୍ରତିଶ୍ରୁତି ଦେବା ସହ ରାଜାଙ୍କୁ ଜୟପୁରକୁ ଆସିବାକୁ କହିଥିଲେ। ଗତ ରବିବାର ରାଜା ଜୟପୁର ବସଷ୍ଟାଣ୍ଡରେ ପହଞ୍ଚିବା ପରେ ବୁଟି ଓ ଅନ୍ୟ ଅପହରଣକାରୀମାନେ ତାଙ୍କୁ ବନ୍ଧୁକ ଦେଖାଇ ଅପହରଣ କରିନେଇଥିଲେ। ଏହା ପରେ ଅପହରଣକାରୀମାନେ ୧୦ଲକ୍ଷ ଟଙ୍କା ଦେଲେ ରାଜାଙ୍କୁ ଛଡାଯିବ ବୋଲି ତାଙ୍କ ପରିବାରକୁ ଫୋନ ମାଧ୍ୟମରେ ଜଣାଇଥିଲେ। ଏ ନେଇ ରାଜାଙ୍କ ବାପା କେଦାରନାଥ କନ୍ଦରପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ସମ୍ପର୍କରେ ଏକ ମାମଲା(ନଂ.୧୦୬/୧୯)ରୁଜୁ କରି ତଦନ୍ତ ଚଳାଇଥିଲା। ମଙ୍ଗଳବାର ନବରଙ୍ଗପୁର ଏସପିଙ୍କୁ କମିଶନରେଟ ପୋଲିସ ଘଟଣା ସଂକ୍ରାନ୍ତରେ ଅବଗତ କରାଇଥିଲେ। ଏହା ପରେ ନବରଙ୍ଗପୁର ଓ କୋରାପୁଟ ଜିଲା ପୋଲିସର ମିଳିତ ଉଦ୍ୟମରେ ଗତ ୧୭ ତାରିଖରେ ୪ ଅଭିଯୁକ୍ତଙ୍କୁ ଧରିବା ସହ ଅପହୃତ ଯୁବକଙ୍କୁ ଉଦ୍ଧାର କରି କମିଶନରେଟ ପୋଲିସର ହସ୍ତାନ୍ତର କରିଥିଲା।




ତହସିଲଦାରଙ୍କ ବହିଷ୍କାର ଦାବିରେ କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ଆମ୍ବେଡକର ସ୍ମୃତି ସଂସଦ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।




କ୍ୟାଣ୍ଟେନମେଣ୍ଟ ରୋଡସ୍ଥିତ ବରିଷ୍ଠ ଅଧୀକ୍ଷକ କଟକ ସିଟି ମଣ୍ଡଳଙ୍କ ଅଶାଳୀନ ବ୍ୟବହାର ବିରୋଧରେ ଶୁକ୍ରବାର ଡାକ ଓ ରେଳଡାକ ସେବା ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ବରିଷ୍ଠ ଡାକ ଅଧୀକ୍ଷକ କଟକ ସିଟି ମଣ୍ଡଳ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।



କଟକ ସିଡିଏ ଓ୍ଵିଣ୍ଡସର ପ୍ଲେସରେ ଶୁକ୍ରବାର ଅନୁଷ୍ଠିତ ଶ୍ରୀମଦ ଭଗବତ ଭାଗବତ କଥା ମହୋତ୍ସବରେ ଉପସ୍ଥିତ ଶ୍ରଦ୍ଧାଳୁବୃନ୍ଦ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୧ ସେପ୍ଟେମ୍ବର, ୨୦୧୯



ଯଦି ନୀଚ ଲୋକଠାରେ ଦିବ୍ୟଗୁଣ ଥାଏ, ତାକୁ ଦରକାର ହେଲେ ଗ୍ରହଣ କରିବା ଉଚିତ୍।
-ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ଅବାଧରେ ଚାଲିଛି ବ୍ରାଉନସୁଗାର କାରବାର

**ଟାଙ୍ଗୀ (ଖୋର୍ଦ୍ଧା), ୨୦।୯(ଡି.ଏନ.ଏ.):** ଟାଙ୍ଗୀ ଥାନା ଅଧୀନ ବିଭିନ୍ନ ଗ୍ରାମରେ ବ୍ରାଉନସୁଗାର କାରବାର ଚାଲିଥିବା ଅଭିଯୋଗ ହେଉଛି। ଏ ନେଇ ପ୍ରଶାସନ ତରଫରୁ ସେପରି କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବିଶେଷକରି ଟାଙ୍ଗୀ, କୁହୁଡି, ଜରିପଡା, ଭୁଷଣ୍ଡପୁର ଅଞ୍ଚଳର ବିଭିନ୍ନ ଦୋକାନରେ ବ୍ରାଉନସୁଗାର କାରବାର ଚାଲିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ନିଶାସକ୍ତ ହୋଇ ବହୁ ଯୁବକ ବିପଥଗାମୀ ହେଉଥିବାରୁ ସେମାନଙ୍କ ପରିବାରରେ ଅଶାନ୍ତିର ବାତାବରଣ ଦେଖାଦେଇଛି। ପ୍ରଶାସନ ତରଫରୁ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

### ୨ ଗଞ୍ଜେଇ ବେପାରୀ ଗିରଫ

**ଟାଙ୍ଗୀ (ଖୋର୍ଦ୍ଧା), ୨୦।୯ (ଡି.ଏନ.ଏ.):** ଟାଙ୍ଗୀ ଥାନା ଜରିପଡା ଦଳବେହେରା ସାହିର ୨ ଜଣ ଚୋରା ଗଞ୍ଜେଇ ବେପାରୀଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଶଙ୍କର ଶ୍ରୀଚନ୍ଦନ ଓ କେଦାର ପରମାଣିକ।

### ଛେଳି ମେଣ୍ଢା ଚୋରି ବୃଦ୍ଧି ପାଉଛି

**ଟାଙ୍ଗୀ (ଖୋର୍ଦ୍ଧା), ୨୦।୯(ଡି.ଏନ.ଏ.):** ଟାଙ୍ଗୀ ଥାନା ଅଧୀନ ଭଜାଗଡ ଓ ସୁନ୍ଦରପୁର ଗ୍ରାମରେ ଛେଳି ଓ ମେଣ୍ଢା ଚୋରି ବୃଦ୍ଧି ପାଇବାରେ ଲାଗିଛି। ଭଜାଗଡ ଗ୍ରାମର ବୁଢିଟାଙ୍ଗୀ ବାସିନ୍ଦା ରାମଚନ୍ଦ୍ର ଛୁଆଳସିଂହଙ୍କର ୪ଟି ଛେଳି ଚୋରି ହୋଇଯାଇଥିବା ସେ ଟାଙ୍ଗୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ୨ମାସ ପୂର୍ବେ ତାଙ୍କ ଘରୁ ମଧ ଛେଳି ଚୋରି ହୋଇଥିଲା। ସୁନ୍ଦରପୁର ଗ୍ରାମର ସ୍ୱର୍ଗତ ଲକ୍ଷ୍ମୀଧର ପରିଡାଙ୍କ ସ୍ତ୍ରୀ ସୀତା ଦେଈଙ୍କର ୨ ଥର ମେଣ୍ଢା ଚୋରି ହୋଇଛି। ପ୍ରଥମ ଥର ୭ ଓ ୨ୟ ଥର ୧୦ ମେଣ୍ଢା ଚୋରି ହୋଇଥିବା ସେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏହାର ତଦନ୍ତ କରି ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ଆର୍ଥିକ ସାକ୍ଷରତା ସଚେତନତା କାର୍ଯ୍ୟକ୍ରମ

**ଖୋର୍ଦ୍ଧା ଅଫିସ,୨୦।୯:** ଆର୍ଥିକ ସାକ୍ଷରତା ସଚେତନତା କାର୍ଯ୍ୟକ୍ରମ ପୁବୁସାହିରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ପୁବୁସାହି ଶାଖା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ବୈକୁଣ୍ଠ ମହାପାତ୍ର ଓ ମୀନକେତନ ମହାନ୍ତି, ପୋଷ୍ଟ ମାଷ୍ଟର ଅକ୍ରୁର ବେହେରା ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ଶାଖା ପରିଚାଳକ ଜୟସ୍ୱତା ମହାନ୍ତି ଓ ସହ ଶାଖା ପରିଚାଳକ ଗଣେଶ୍ୱର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅମିତାଭ ମିଶ୍ର ଧନ୍ୟବାଦ ଦେଇଥିଲେ।

ପୋଲିସ ସୁରକ୍ଷାରେ କୁକୁର

### ଅଭିଯୋଗ ପାଇଁ ଆସି ଅପେକ୍ଷା କରୁଛନ୍ତି ଲୋକେ



**ନିରାକାରପୁର,୨୦।୯(ଡି.ଏନ.ଏ.):** ସାଧାରଣ ଲୋକଙ୍କୁ ସୁରକ୍ଷା ଓ ନିରାପତ୍ତା ଯୋଗାଇଦେବା ପାଇଁ ଗୃହ ବିଭାଗ ପକ୍ଷରୁ ବିଭିନ୍ନ ବିଭାଗରେ ପୋଲିସମାନଙ୍କୁ ନିୟୋଜିତ କରାଯାଇଛି। ହେଲେ ଖୋର୍ଦ୍ଧା ରେଳ ଡିଭିଜନର ନିରାକାରପୁର ରେଳ ଷ୍ଟେଶନ ପରିସର ରେଲବାଇ ପୋଲିସ ଫାଣ୍ଡିରେ କୁକୁର ବନ୍ଧାହୋଇଥିବା ଦେଖିଲେ ଏଠି ପୋଲିସ ନିଜେ ଅସୁରକ୍ଷିତ ଥିବା ଆଲୋଚନା ହେଉଛି। ଉକ୍ତ ଫାଣ୍ଡି ସମ୍ମୁଖ ଗ୍ରୀଲରେ ପୋଲିସ ପକ୍ଷରୁ ଏକ କଳା କୁକୁରକୁ ଲୁହା ଶିକୁଳିରେ ବନ୍ଧାଯାଇଛି। ଏଥିଯୋଗୁ ଫାଣ୍ଡିକୁ ଅଭିଯୋଗ ପାଇଁ ଆସୁଥିବା ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି କି କୁକୁରକୁ ଦେଖି ଲୋକମାନେ ଭିତରକୁ ପଶି ନ ପାରି ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରୁଛନ୍ତି। ଡାକ ଛାଡିଲେ ଭିତରୁ ପୋଲିସ ବାବୁମାନେ ଆସି କୁକୁରକୁ ଭିଡି ଧରିବା ପରେ ଲୋକେ ଭିତରକୁ ଯାଇଥାନ୍ତି। ଏ ସମ୍ପର୍କରେ ଫାଣ୍ଡି ଅଧିକାରୀ ଲିଙ୍ଗରାଜ ସେଠୀଙ୍କୁ ପଚାରିବାରୁ ସେ କହିଥିଲେ, ବନ୍ଧା ହୋଇଥିବା କୁକୁର କାହାର କିଛି କ୍ଷତି କରିବ ନାହିଁ। କାହିଁକି ଏଠାରେ ବନ୍ଧା ହୋଇଛି ପ୍ରଶ୍ନରେ ସେ କିଛି ଉତ୍ତର ଦେଇ ନ ଥିଲେ।

■ ପ୍ରତିଶ୍ରୁତି ଦେଇ ପ୍ରତାରଣା

# କାଳିଆ ଟଙ୍କା ଜମା ନ ହେବାରୁ ଚାଷୀଙ୍କ ବିକ୍ଷୋଭ

**ଖୋର୍ଦ୍ଧା ଅଫିସ,୨୦।୯**



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନଙ୍କ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

■ ସରକାର ଆସିବାର ୨୪ ଘଣ୍ଟା ମଧ୍ୟରେ ଦିଆଯିବ ଟଙ୍କା ଧୂଆଁବାଣ
■ ଶାସନର ୧୦୦ ଦିନ ପରେ ବି ଆକାଉଣ୍ଟ ଖାଲି
■ ଅଯୋଗ୍ୟ ନାଁରେ ଯୋଗ୍ୟ ହିତାଧିକାରୀଙ୍କୁ ବାଦ୍

ନିର୍ବାଚନ ବେଳେ ବଡ ବଡ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିବା ବିଜେଡି ସରକାର ଚାଷୀଙ୍କ ସହ ପ୍ରତାରଣା କରିଥିବା ଅଭିଯୋଗ ହୋଇଛି। ସରକାର ଆସିବାର ୨୪ ଘଣ୍ଟା ମଧ୍ୟରେ କାଳିଆ ଟଙ୍କା ସବୁ ଜମାକାରୀଙ୍କ ଆକାଉଣ୍ଟରେ ଜମା ହୋଇଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ। ଏପରି କି ଯୋଗ୍ୟ ହିତାଧିକାରୀ କସ୍ମିନ କାଳେ ବାଦ୍ ପଡିବେନି ମଧ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଶାସନରେ ୧୦୦ ଦିନ ରହିବା ପରେ ବି ଚାଷୀଙ୍କ ଆକାଉଣ୍ଟ ଖାଲି ପଡିଛି। ଅଯୋଗ୍ୟର ଦ୍ୱାହି ଦେଇ ଖୋର୍ଦ୍ଧା ଜିଲା ସମେତ ରାଜ୍ୟର ବିଭିନ୍ନ ଜିଲାରେ ଯୋଗ୍ୟ ହିତାଧିକାରୀଙ୍କୁ ମଧ ବାଦ୍ ଦିଆଯାଇଛି। ଚାଷୀଙ୍କ ଆକାଉଣ୍ଟକୁ କାଳିଆ ଟଙ୍କା ନ ଆସିବାର ପ୍ରତିବାଦରେ ନବନିର୍ମାଣ କୃଷକ ସଙ୍ଗଠନର ଖୋର୍ଦ୍ଧା ଶାଖା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ତେବେ ଚାଷୀଙ୍କ ଆନ୍ଦୋଳନ ଆରମ୍ଭ ହେବା ସମୟରେ ଅତିରିକ୍ତ ଜିଲାପାଳ ମନୋରଞ୍ଜନ ମଲ୍ଲିକ ପହଞ୍ଚି ଆନ୍ଦୋଳନରତ ଚାଷୀଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ୨୬ ତାରିଖ ଭିତରେ ଚାଷୀଙ୍କ ଆକାଉଣ୍ଟକୁ ଟଙ୍କା ଯିବ ବୋଲି କହିଥିଲେ। ଅତିରିକ୍ତ ଜିଲାପାଳଙ୍କ ପ୍ରତିଶ୍ରୁତି ପାଇବା ପରେ ବିକ୍ଷୋଭ ହଟି ଥିଲା ତେବେ ବିକ୍ଷୋଭକାରୀ ସିଧା ସିଧା କହିଥିଲେ ପ୍ରତିଶ୍ରୁତି ପାଳନ ନ ହେଲେ ପୁଣି ବଡଧରଣର ଆନ୍ଦୋଳନ କରାଯିବ।

ବିକ୍ଷୋଭକାରୀମାନେ ମଙ୍ଗଳା ମନ୍ଦିର ନିକଟରେ ଏକ ସଭା କରିଥିଲେ। ସରକାର କାଳିଆ ଟଙ୍କା ଆକାଉଣ୍ଟରେ ଡିପୋଜିଟ୍ ନ କରିବା ଓ ଯୋଗ୍ୟ ହିତାଧିକାରୀଙ୍କୁ ଅଯୋଗ୍ୟ ନାଁରେ କାଟି ଦେବାକୁ ନେଇ ଚାଷୀମାନେ କ୍ଷୋଭ ଓ ଅସନ୍ତୋଷ ବ୍ୟକ୍ତ କରିଥିଲେ। ତୁରନ୍ତ ବାଦ୍ ପଡିଥିବା ଚାଷୀଙ୍କୁ କାଳିଆ ଯୋଜନାରେ ସାମିଲ କର ବୋଲି ଦାବି କରିଥିଲେ। ପରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ। ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଓ ଜିଲା ସଂଯୋଜକ ସୁରେଶ ଚନ୍ଦ୍ର ମାନସିଂଙ୍କ ନେତୃତ୍ୱରେ ବରିଷ୍ଠ ସଙ୍ଗଠକ ରମେଶ ସ୍ୱାଇଁ, ବୋଲଗଡ ବ୍ଲକ ସଂଯୋଜକ ଜୟନ୍ତ ତ୍ରିପାଠୀ, ବେଗୁନିଆ ବ୍ଲକ ସଂଯୋଜକ ମଦନ ସାହୁ, ଜିଲା ସହ ସଂଯୋଜକ ନିରଞ୍ଜନ ପ୍ରଧାନ ଓ ହାଡିବନ୍ଧୁ ମହାରଣା ପ୍ରମୁଖ ଆନ୍ଦୋଳନରେ ଭାଗ ନେଇଥିଲେ। ଜିଲା ସଂଯୋଜକ ସୁରେଶ ଚନ୍ଦ୍ର ମାନସିଂ କୁହନ୍ତି, ଚାଷୀଙ୍କ ଆନ୍ଦୋଳନକୁ ଦେଖି ବିଜେଡି ସରକାର ହଡବଡେଇ ଗଲେ। ଚାଷୀଙ୍କ ଭୋଟ ହାତେଇବାକୁ କାଳିଆ ଯୋଜନା ତରବରିଆ ଭାବେ ଲାଗୁ କରି ସଫଳତା ନେଇଗଲେ। ହେଲେ ଶାସନରେ ୧୦୦ ଦିନ ରହିବା ପରେ ବି ମନେପଡୁନି ଚାଷୀଙ୍କ ଆକାଉଣ୍ଟକୁ ଟଙ୍କା ପଠାଇବା। ନିର୍ବାଚନ ସମୟରେ ଯୋଗ୍ୟ ଅଯୋଗ୍ୟ ନ ଖୋଜି ସମସ୍ତଙ୍କୁ ଟଙ୍କା ଦେଇଥିବା କେଉଁ ନିୟମ। ସରକାରୀ ରାଜକୋଷରୁ ଅଯୋଗ୍ୟମାନେ ଯେଉଁ ୧୭୦ କୋଟି ଟଙ୍କା ନେଇଗଲେ ସେ ଟଙ୍କା କିଏ ଦେବ। ନିର୍ବାଚନ ପରେ ଅଯୋଗ୍ୟଙ୍କୁ ଖୋଜି ଟଙ୍କା ଫେରାଇବା କହିବା ଠିକ୍ ନୁହେଁ। ଅଯୋଗ୍ୟ ହିତାଧିକାରୀଙ୍କଠାରୁ ଟଙ୍କା ଫେରସ୍ତ ନେବା ଏତେ ସୁବିଧା ନୁହେଁ। କାରଣ ସେମାନେ ସରକାରୀ ଚାକିରିଆ ନୁହନ୍ତି। ଟଙ୍କା ନ ଦେଲେ ମଧ ସରକାର କିଛି କରି ପାରିବେ ନାହିଁ। ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ କୁହନ୍ତି, କାଳିଆ ଯୋଜନା ସମ୍ପର୍କରେ ସରକାର ବାହାଦୁରି ନେଉଛନ୍ତି। ହେଲେ ଚାଷୀଙ୍କୁ ପ୍ରତାରଣା କରି ଆକାଉଣ୍ଟରେ ଟଙ୍କା ଜମା କରୁନାହାନ୍ତି। ପ୍ରଶାସନ ଦେଇଥିବା କଣ୍ଟ ୨୬ ତାରିଖ ଚାଲିଗଲେ ଚାଷୀ ଆନ୍ଦୋଳନ ତୀବ୍ର ହେବ।

ଓଦା ଲୁଗା ଶୁଖାଇବା କାଳ ହେଲା

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ମୃତ

**ଖୋର୍ଦ୍ଧା ଅଫିସ,୨୦।୯**

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ହାଡପଦା ଗାଁର ପ୍ରଶାନ୍ତ ଦାସ(୩୫) ବିଦ୍ୟୁତ୍ ଆଘାତରେ ଶୁକ୍ରବାର ପ୍ରାଣ ହରାଇଛନ୍ତି। ଘର ସମ୍ମୁଖରେ ଥିବା ବିଦ୍ୟୁତ୍ ଖୁଣ୍ଟ ନିକଟରେ ଲୁଗା ଶୁଖାଉଥିଲେ। ଓଦା ଲୁଗା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବା କାରଣରୁ ଶୁକ୍ରବାର ପୂର୍ବାହ୍ନ ସାଢେ ୭ଟାରେ ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ। ଖବରପାଇ ଜଙ୍କିଆ ଥାନା ପୋଲିସ ନଂ. ୧୫/୧୯ରେ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହକୁ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପରେ ମଳିପଡା ଛକରେ ରାସ୍ତାରୋକୋ ପାଇଁ ଉଦ୍ୟମ ହେଉଥିବାବେଳେ ଜିଲାପାଳ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଥିଲେ। ଏଣୁ ରାସ୍ତାରୋକୋ ହୋଇ ନ ଥିଲା। ମୃତକଙ୍କ ଦୁଇଟି ସନ୍ତାନ ଥିବାବେଳେ ଆର୍ଥିକ ସ୍ଥିତି ଭଲ ନାହିଁ। ବିଦ୍ୟୁତ୍ ଖୁଣ୍ଟ ଘୁଞ୍ଚାଇବା ପାଇଁ ପରିବାର ପକ୍ଷରୁ ବାରମ୍ବାର ଦାବି ପରେ ବି କିଛି ସୁଫଳ ମିଳି ନ ଥିଲା ବୋଲି କୁହାଯାଇଛି। ବରଂ ଗୋଟିଏ ମୁଣ୍ଡ ବିଦ୍ୟୁତ୍ ନେଇଯାଇଛି ବୋଲି ପରିବାର ପକ୍ଷରୁ କୁହାଯାଇଛି ।



ଆମ ପୃଥିବୀ ଆମ ପରିବେଶ ପାଇଁ ଗ୍ରୀନ ଆର୍ମି ଭାବେ ଶପଥ ନେଉଛନ୍ତି।

## ବୃକ୍ଷରୋପଣ ଓ ପରିବେଶ ସୁରକ୍ଷା ପାଇଁ ଶପଥ

**ବୋଲଗଡ,୨୦।୯(ଡି.ଏନ.ଏ.)**

ଆମ ପରିବେଶ, ଆମପୃଥିବୀର ସୁରକ୍ଷା ସାଥିକୁ ଦିନକୁ ଦିନ ବଢୁଥିବା ବିଶ୍ୱତାପନକୁ କମାଇବା ପ୍ରୟାସ ନେଇ ଏକ ଆଲୋଚନା ଚକ୍ର ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମ ଶୁକ୍ରବାର ବୋଲଗଡ ବ୍ଲକ ବାଙ୍କୋଇସ୍ଥିତ କେସିପିଏଏନ କଲେଜ ପରିସରରେ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ପ୍ରେରଣା ଇଣ୍ଟରନେଶନାଲ ଗ୍ରୀନ ଆର୍ମି ପକ୍ଷରୁ ୨୦୨୦ ଅକ୍ଟୋବର ୨ତାରିଖରେ ଜାତିସଂଘ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ୨୫ଜଣ ଗ୍ରୀନ ଆର୍ମିଭାବେ ଶପଥ ଗ୍ରହଣ କରିଛନ୍ତି। ପ୍ରେରଣା ଗ୍ରୀନ ଆର୍ମିର ଚିଫ କମାଣ୍ଡର ଡକ୍ଟର ଦିଲ୍ଲୀପ ଶ୍ରୀଚନ୍ଦନ ଯୋଗଦେଇ ଶପଥ ଗ୍ରହଣ କରାଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବୋଲଗଡର ଅତିରିକ୍ତ ତହସିଲଦାର ଶରତ ଚନ୍ଦ୍ର ମଲ୍ଲିକ , ଶିକ୍ଷାବିତ କାଳୀଚରଣ ଜୟସିଂହ,କଲେଜ ଅଧ୍ୟକ୍ଷ ରମେଶ ସାମନ୍ତରାୟ , ବୋଲଗଡ ବନପାଳ ପ୍ରଦୀପ କୁମାର ପଟ୍ଟନାୟକଙ୍କ ସମେତ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଏହି ଅବସରରେ ଆମ ପରିବେଶ ଆମ ପୃଥିବୀର ସୁରକ୍ଷା ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ସାମ୍ପ୍ରତିକ ସ୍ଥିତିରେ ପରିବେଶ ପରିସ୍ଥିତ ଦିନକୁ ଦିନ ବିଗିଡିବା ସହିତ ବିଶ୍ୱତାପନ ବୃଦ୍ଧି ପାଉଛି। ତେଣୁ ପରିବେଶକୁ ସନ୍ତୁଳନ ରଖିବା ପାଇଁ ବୃକ୍ଷରୋପଣ ଉପରେ ଗୁରୁତ୍ୱ ଦିଆଯାଇଥିଲା ।

## କୂଅରେ ପଡିଥିବା ବାର୍ହା ଉଦ୍ଧାର

**ଖୋର୍ଦ୍ଧା ଅଫିସ,୨୦।୯:** ଖୋର୍ଦ୍ଧା ବନବିଭାଗର ପଳାସପୁର ଗାଁର ଏକ କୂଅରେ ପଡିଥିବା ବାର୍ହାକୁ ଶୁକ୍ରବାର ପୂର୍ବାହ୍ନରେ ଉଦ୍ଧାର କରାଯାଇଛି। ସ୍ଥାନୀୟ ଲୋକଙ୍କ ସହାୟତାରେ ବନବିଭାଗର କର୍ମଚାରୀ ଉଦ୍ଧାର କରିଛନ୍ତି। ଚନ୍ଦକା ଅଭୟାରଣ୍ୟ ନିକଟବର୍ତ୍ତୀ ଅଞ୍ଚଳ ଜଟଣୀ ବ୍ଲକର ପଳାସପୁର, ବିଞ୍ଝଗିରି, ମହୁଲ, ମାଜଣା, କରଡାପଲ୍ଲୀ, ପାଣିଓରା, ଛତାବର, ଜାମୁଝରୀ, ଅଙ୍ଗାରପଡା ଅଞ୍ଚଳରେ ବାର୍ହାଙ୍କ ଉତ୍ପାଦ ଲାଗି ରହିଛି। ପୋକ, ଜିଆ ଖାଇବା ପାଇଁ ବାର୍ହା ଧାନହୁଡା ତାଡି ନଷ୍ଟ କରୁଛନ୍ତି। ଗୁରୁବାର ରାତିରେ ଏକ ବାର୍ହା ପଲ ପଳାସପୁର ଅଞ୍ଚଳକୁ ଆସି ଧାନହୁଡା ନଷ୍ଟ କରିଥିଲେ। ତେବେ ଏଥିରୁ ଗୋଟିଏ ବାର୍ହା କୂଅ ଭିତରେ ପଡି ଯାଇଥିଲା।

## ଶିକ୍ଷା ସମ୍ମାନ ବିଭାଗର ନୂତନ ଶିକ୍ଷାର୍ଥୀଙ୍କୁ ସ୍ୱାଗତ

**ବୋଲଗଡ,୨୦।୯(ଡି.ଏନ.ଏ.)**

ବୋଲଗଡ ବ୍ଲକ ବାଙ୍କୋଇସ୍ଥିତ କେସିପିଏଏନ ଡିଗ୍ରୀ ମହାବିଦ୍ୟାଳୟର ଶିକ୍ଷା ସମ୍ମାନ ବିଭାଗ ପକ୍ଷରୁ ଶୁକ୍ରବାର ନୂତନ ଶିକ୍ଷାର୍ଥୀମାନଙ୍କୁ ସ୍ୱାଗତ କରାଯାଇଛି। ବରିଷ୍ଠ ଛାତ୍ରୀଛାତ୍ର ମାନଙ୍କ ପକ୍ଷରୁ ଆୟୋଜିତ ଉତ୍ସବରେ ବରିଷ୍ଠ ଛାତ୍ର ଦେବୀ ପ୍ରସାଦ ମିଶ୍ର, ଘନଶ୍ୟାମ ପ୍ରଧାନ, ଛାତ୍ରୀ ସୋନାଲି ପଣ୍ଡା, କଳ୍ପନା ପ୍ରଧାନ, ପ୍ରଶାନ୍ତିନୀ ଦଳାଇ ପ୍ରମୁଖଙ୍କ ସମେତ ଅନ୍ୟମାନେ ନୂତନ ଶିକ୍ଷାର୍ଥୀମାନଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଶିକ୍ଷାର୍ଥୀ ଜୀବନରେ କିପରି ଶିକ୍ଷା ଗ୍ରହଣ ପାଇଁ ବ୍ରତୀ ହେବା ସହିତ ଶିକ୍ଷାନୁଷ୍ଠାନର ସୁନାମ ରଖିବା ଏବଂ ନିଜକୁ ଉତ୍ତମ ଶିକ୍ଷାର୍ଥୀ ଭାବେ ଗଢି ତୋଳିବା ପାଇଁ ବିଭାଗୀୟ ମୁଖ୍ୟ ଅଧାପକ ପ୍ରଶାନ୍ତ କୁମାର ତ୍ରିପାଠୀ ପରାମର୍ଶ ଦେଇଥିଲେ। ଉତ୍ସବରେ ମହାବିଦ୍ୟାଳୟର ଅଧକ୍ଷ ରମେଶ ସାମନ୍ତରାୟ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ପ୍ରତିଷ୍ଠାତା ଶିକ୍ଷାବିତ୍ କାଳିଚରଣ ଜୟସିଂହ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା ହରପ୍ରିୟା ଦାଶ,ଅଧ୍ୟାପକ ଜୟକୃଷ୍ଣ ମିଶ୍ର , ସୁକାନ୍ତ ବେହେରା ପ୍ରମୁଖ ଯୋଗଦେଇ ଶୈକ୍ଷିକ ପରିବେଶ ପ୍ରତି ସମସ୍ତେ ଧ୍ୟାନ ଦେବାକୁ ଗୁରୁତ୍ୱ ଦେଇଥିଲେ ।




ସ୍ୱାଗତ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

### ବିପର୍ଯ୍ୟୟ ବିପଦ ହ୍ରାସ ପାଇଁ ମିଳିତ ଉଦ୍ୟମ ଜରୁରୀ

**ଭୁବନେଶ୍ୱର, ୨୦।୯(ବ୍ୟୁରୋ)**

ଉତ୍କଳ ବିଶ୍ୱବିଦ୍ୟାଳୟର ଲୋକ ପ୍ରଶାସନ ବିଭାଗ ଓ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ପକ୍ଷରୁ 'ବିପର୍ଯ୍ୟୟ ବିପଦ ହ୍ରାସ ଓ ଅଣ୍ଟାସଳଖି ଠିଆ ହେବା' ଶୀର୍ଷକ ସହ ଦୁଇଦିନିଆ ଆନ୍ତର୍ଜାତିକ ସମ୍ମିଳନୀ ଶୁକ୍ରବାର କୃଷି ଭବନଠାରେ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓସ୍‌ଡମା)ର ପରିଚାଳନା ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରଦୀପ କୁମାର ଜେନା ସମ୍ମିଳନୀକୁ ଉଦ୍‌ଘାଟନ କରି କହିଥିଲେ ଯେ, ଓଡ଼ିଶାର ଭୌଗୋଳିକ ଅବସ୍ଥିତ ଏଭଳି ଏକ ପ୍ରାକୃତିକ ବିପର୍ଯ୍ୟୟ ରାଜ୍ୟ ଭାବେ ପରିଗଣିତ କରିଛି। ମହାବାତ୍ୟା, ଫାଇଲିନ୍, ହୁଡ୍‌ହୁଡ୍ ଏବଂ ତିତ୍‌ଲି ଭଳି ବିପର୍ଯ୍ୟୟକୁ ରାଜ୍ୟ ସରକାର ସୁପରିଚାଳନା କରିଛନ୍ତି। ବାତ୍ୟା 'ଫନୀ'ର ମୁକାବିଲା ପାଇଁ ପ୍ରାକ୍ ପ୍ରସ୍ତୁତି ଯୋଗୁ ଅପୂରଣୀୟ କ୍ଷତିକୁ ରୋକା ଯାଇପାରିଛି। ତେଣୁ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିପଦ ହ୍ରାସ ପାଇଁ ମିଳିତ ଉଦ୍ୟମ ଜରୁରୀ ବୋଲି ଜେନା କହିଛନ୍ତି। କାର୍ଯ୍ୟକ୍ରମରେ ଜବାହରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟର ସ୍ପେଶାଲ ସେଣ୍ଟର ଫର୍ ଡିଜାଷ୍ଟର ରିସର୍ଚ୍ଚ (ଏସ୍‌ଡିଆର୍)ର ଚେୟାର୍‌ପର୍ସନ୍ ପ୍ରଫେସର ଅମିତା ସିଂହ, ବିଶ୍ୱବିଦ୍ୟାଳୟର ଲୋକ ପ୍ରଶାସନ ବିଭାଗ ମୁଖ୍ୟ ପ୍ରଫେସର ସ୍ୱର୍ଣ୍ଣମୟୀ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇ ଆଲୋଚନାଚକ୍ରର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ।

■ ଏଆରଟିଓ ଅଫିସରେ ଅତର୍କିତ ଚଢ଼ାଉ

## ଦଲାଲଙ୍କୁ ରୋକ୍ ଲଗାଇବାକୁ ଉଦ୍ୟମ

**ଖୋର୍ଦ୍ଧା ଅଫିସ,୨୦।୯:**

ନୂଆ ମୋଟର ଯାନ ଆଇନ ଆସିବା ପରେ ଡ୍ରାଇଭିଂ ଲାଇସେନ୍ସ ପାଇଁ ଖୋର୍ଦ୍ଧା ଏଆରଟିଓଙ୍କ କାର୍ଯ୍ୟାଳୟରେ ଲମ୍ବା ଧାଡି ଦେଖିବାକୁ ମିଳୁଛି। ଡ୍ରାଇଭିଂ ଲାଇସେନ୍ସରେ ଭଲ ରୋଜଗାର ଥିବାରୁ ଦଲାଲଙ୍କ ଭିଡ ଏଠାରେ ଲାଗି ରହୁଛି। ଏହି କାର୍ଯ୍ୟାଳୟର ବାହାରେ ଦଲାଲ ଟେବୁଲ ଚୌକି ପକାଇ ନିଜର ଆସ୍ଥାନ ଜମାଇ ରଖିଛନ୍ତି। ଡ୍ରାଇଭିଂ ଲାଇସେନ୍ସ ପାଇବାକୁ ବିନା ଦଲାଲରେ କୌଣସି କାର୍ଯ୍ୟ ହେଉନାହିଁ। ଏଭଳିସ୍ଥଳେ ଶୁକ୍ରବାର ଅତିରିକ୍ତ ଜିଲାପାଳ ମନୋରଞ୍ଜନ ମଲ୍ଲିକ, ଉପଜିଲାପାଳ ଶୁଭେନ୍ଦ୍ର ସାମଲ ପହଞ୍ଚି ଦଲାଲଙ୍କୁ ରୋକ୍ ଲଗାଇବାକୁ ଚେଷ୍ଟା କରିଛନ୍ତି। ପୋଲିସ ଲଗାଇ ଦଲାଲଙ୍କ ଆଣ୍ଠା ଭାଙ୍ଗିଛନ୍ତି। ନୂଆ ମୋଟର ଯାନ ଆଇନ ଆସିଥିଲେ ମଧ ସମୟ ଢେର ଅଛି। ଦଲାଲଙ୍କ କବଳରେ ପଡନାହିଁ। ଆଇନ ଅନୁସାରେ, ଡ୍ରାଇଭିଂ ଲାଇସେନ୍ସ ପାଇବା ପାଇଁ ଆବେଦନ କରିବାକୁ ଅତିରିକ୍ତ ଜିଲାପାଳ ଓ ଉପଜିଲାପାଳ ପରାମର୍ଶ ଦେଇଛନ୍ତି। ତେବେ ଅତିରିକ୍ତ ଜିଲାପାଳ ଓ ଉପଜିଲାପାଳ ଆସିବାର କିଛି ସମୟ ପରେ ପୁଣି ଦଲାଲ ପଶି ଡ୍ରାଇଭିଂ ଲାଇସେନ୍ସ କାରବାରକୁ ନିୟନ୍ତ୍ରଣ କରିଥିଲେ।



ଏଆରଟିଓ ଅଫିସରେ ପହଞ୍ଚି ଅତିରିକ୍ତ ଜିଲାପାଳ ଓ ଉପଜିଲାପାଳ ତଦାରଖ କରୁଛନ୍ତି।

## କୀଟନାଶକ ବ୍ୟବହାର ଉପରେ ପ୍ରଶିକ୍ଷଣ ଶିବିର

**ନିରାକାରପୁର,୨୦।୯(ଡି.ଏନ.ଏ.):**

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତର ମଲୁଣୀ ପୋଖରୀଠାରେ ଶୁକ୍ରବାର ଅଞ୍ଚଳର ଚାଷୀମାନଙ୍କୁ ନେଇ କୀଟନାଶକ ନିରାପଦ ବ୍ୟବହାର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସମିତି ସଭ୍ୟ ତଥା ଚାଷୀ ବିପିନ କୁମାର ଜୟସିଂହ ପୌରୋହିତ୍ୟ କରିଥିଲେ। ଜିଲା କୃଷି ଅଧିକାରୀ ବିଜୟ କୁମାର ମହାନ୍ତି, ଟାଙ୍ଗୀ ବ୍ଲକ ଶସ୍ୟ ସଂରକ୍ଷଣ ଅଧିକାରୀ ସୁନିଲ କୁମାର ଜେନା ପ୍ରମୁଖ ଯୋଗଦେଇ ଚାଷୀମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ବର୍ତ୍ତମାନ ଧାନ ଗଛରେ ଲାଗୁଥିବା କାଣ୍ଡ ବିନ୍ଧା ଓ ପତ୍ରପୋଡା ରୋଗ ବିଷୟରେ ସଚେତନ କରାଇଥିଲେ। ଏହି ରୋଗ ଭାଦ୍ରବ ମାସରେ ହୋଇଥାଏ। ଏହି ରୋଗ କିପରି ଜାଣିବା ଓ ଏହାର ନିରାକରଣ ବିଷୟରେ ବୁଝାଇଥିଲେ। ବିଶେଷକରି ନିରାପଦ ଭାବେ କିପରି କୀଟନାଶକ ବ୍ୟବହାର କରାଯିବ ସେ ସମ୍ପର୍କରେ ଅଧିକାରୀମାନେ ଆଲୋଚନା କରିଥିଲେ। କେତେଜଣ ଚାଷୀ ବଜାରରେ ଅଧିକ ଦରରେ ସାର ବିକ୍ରୟ ନେଇ ପ୍ରଶ୍ନ କରିବାରୁ କୃଷି ଅଧିକାରୀ ଲିଖିତ ଅଭିଯୋଗ କଲେ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଶେଷରେ କୃଷି କର୍ମଚାରୀ ପ୍ରତାପ କୁମାର ସାହୁ ଧନ୍ୟବାଦ ଦେଇଥିଲେ।



ଚାଷୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି ।

■ ୫୭ ନଂ. ଜାତୀୟ ରାଜପଥ ମରଣଯନ୍ତା

# ୨ ମାସ ମଧ୍ୟରେ ୩୭୯ ଦୁର୍ଘଟଣା

**ଖୋର୍ଦ୍ଧା ଅଫିସ,୨୦।୯**

■ କାମ ଆରମ୍ଭରୁ ରାସ୍ତା ଖରାପ ସତ୍ତ୍ୱେ ନାହିଁ ପ୍ରତିକାର
■ ୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପାଣିରେ ପଡିଲା

ଠିକାଦାରି ପ୍ରୀତି ମହଙ୍ଗା ପଡିଛି। ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ନିର୍ମାଣ କାର୍ଯ୍ୟ ଆରମ୍ଭରୁ ନିମ୍ନମାନର ହେଉଥିବା ନେଇ ଅଭିଯୋଗ ଉଠିଥିଲା। ହେଲେ ଅଭିଯୋଗକୁ ଅଣଦେଖା କରାଯିବାରୁ କେଇ ମାସ ଭିତରେ ୨୦ କୋଟି ଟଙ୍କାର ରାସ୍ତା ମରଣଯନ୍ତା ପାଲଟିଲା। ଏହି ରାସ୍ତାକୁ ମରାମତି କରିବାରେ ଅଣଦେଖା କରାଯାଉଛି। ମଝିରେ ମଝିରେ ଯେଉଁ ମରାମତି ହେଉଛି ତାହାର ସ୍ଥାୟିତ୍ୱ ରହୁନି। ଏହାଦ୍ୱାରା ରାସ୍ତାରେ ଅଧିକ ଖାଲ ଢିପ ଯୋଗୁ ଯାତାୟାତରେ ଅସୁବିଧା ହେଉଛି। ରାସ୍ତା ଖରାପ ଯୋଗୁ ୨ ମାସ ମଧ୍ୟରେ ବେସରକାରୀ ତଥ୍ୟ ଆଧାରରେ ପ୍ରାୟ ୩୭୯ ଦୁର୍ଘଟଣା ଘଟି ସାରିଛି। ଏଣୁ ଜାତୀୟ ରାଜପଥର ନିର୍ମାଣ ନେଇ ଭିଜିଲାନ୍ସ ତଦନ୍ତ କରିବାକୁ ଦାବି ଉଠିଛି।

ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ଖୋର୍ଦ୍ଧା ପିତାପଲ୍ଲୀ ଛକରୁ ବାଘମାରୀ ମହିଳା ମହାବିଦ୍ୟାଳୟ ୧୫ କିମି ୫୦ ମିଟର ରାସ୍ତା କାମ ପ୍ରାୟ ୨୦୧୫ ଜାନୁୟାରୀରେ ଆରମ୍ଭ ହୋଇଥିଲା। ତେବେ ରାସ୍ତା କାମ କଚ୍ଛପ ଗତିରେ ୨୦୧୭ ଫେବୃୟାରୀ ପର୍ଯ୍ୟନ୍ତ ଚାଲିଥିଲା। ପିତାପଲ୍ଲୀ ଛକରୁ ମାତ୍ର ୫୦ ମିଟର କାମ ହେବା ପରେ ୩ ଦିନ ମଧ୍ୟରେ ରାସ୍ତା ଉପରୁ ପିଚୁ ଉଠି ଯାଇଥିଲା। ନିମ୍ନମାନର କାମକୁ ତତ୍କାଳୀନ ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର ସାହୁ ଗଣମାଧ୍ୟମ ସମ୍ମୁଖରେ ବିରୋଧ କରି ବନ୍ଦ କରାଇଥିଲେ। ପରେ ରାସ୍ତା କାମରେ କିଛିଟା ଉନ୍ନତି ଆସିଥିଲା। ହେଲେ ନିମ୍ନମାନର କାମକୁ ବନ୍ଦ କରାଯାଇ ପାରି ନ ଥିଲା। ରାସ୍ତା କାମ ପାଇଁ ୭ କୋଟି ୨୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ରାସ୍ତାରେ ପିଚୁ ଉପରେ ପିଚୁ ପକାଯାଇଥିବାରୁ ବର୍ଷା ଋତୁରେ ତାହା ଉଠି ଯାଇଥିଲା। ପୁଣି ରାସ୍ତାର ଉଭୟପାର୍ଶ୍ୱରେ ମାଙ୍କଡା ଗୋଡି ନ ପକାଯାଇ ନିକଟସ୍ଥ ରାସ୍ତାପାର୍ଶ୍ୱରୁ ଖୋଳି ମାଟି ପକାଯାଇଥିଲା। ଯାହାକି ବର୍ଷା ଯୋଗୁ ରାସ୍ତା ଶୀଘ୍ର ନଷ୍ଟ କରିବାରେ ସହାୟକ ହେଲା। ଅପରପକ୍ଷେ ବାଘମାରୀଠାରୁ ବେଗୁନିଆ, ବୋଲଗଡ, ଖୋର୍ଦ୍ଧା ଜିଲାର ସୀମାନ୍ତ ଅଞ୍ଚଳ ଦିଘିରି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହୋଇଥିଲା। ରାସ୍ତା ସାରା ବଡ ବଡ ଗର୍ତ୍ତ ସହ ଖାଲଖମାରେ ଭରପୂର। ଚିଙ୍ଗିଡୁଝର ଢାବା, ଜାଗୁଳିପାଟଣା, ପୁବୁସାହି ବଜାର, ସାରୁଅ, ବାଘମାରୀ ମହିଳା କଲେଜ ସମ୍ମୁଖ, କଣ୍ଟିଲୋ-ନୟାଗଡ ରାସ୍ତା ଛକ, ବାଘମାରୀ ବଜାର, ବେଗୁନିଆ ପୋଷ୍ଟ ଅଫିସ ଛକରୁ ବ୍ଲକ ଛକ, ବାମଡିହଛକ, ବିନୋଦପଡା, ସୁନାଖଳା କଲେଜଠାରୁ ବସ୍‌ଷ୍ଟାଣ୍ଡ, କପାସିଆ ଓ ଚୁଡା ଛକ, ବୋଲଗଡରୁ ବ୍ରହ୍ମପୁରା ଛକ, ରେଲୱେ ଲେଭଲ କ୍ରସିଂ ନିକଟ, ପଞ୍ଚୁକୋଟଠାରୁ ଭୀମପଡା ଅଞ୍ଚଳରେ ଯାତାୟାତ କରିବାରେ ଅସୁବିଧା ହେଉଛି। ଖୋର୍ଦ୍ଧାରୁ ନୟାଗଡ ୫୯ କିମି ଯିବାକୁ ୨ ଘଣ୍ଟାର ରାସ୍ତା ଏବେ ୩ରୁ ୪ ଘଣ୍ଟା ଲାଗୁଛି। ଖୋର୍ଦ୍ଧାରୁ ଦିଘିରି ପର୍ଯ୍ୟନ୍ତ ପ୍ରାୟ ୨୦ କୋଟି ଟଙ୍କା ରାସ୍ତା ନିର୍ମାଣରେ ଖର୍ଚ୍ଚ ହୋଇଛି। ଖୋର୍ଦ୍ଧା ଓ ନୟାଗଡ ଜିଲାର ସୀମାନ୍ତ ଅଞ୍ଚଳ ରାଜସୁନାଖଳା। ଏହାର କେତେକ ଅଂଶ ବୋଲଗଡ ବ୍ଲକରେ ଓ ଆଉ କିଛି ଅଂଶ ନୟାଗଡ ଜିଲାର ରଣପୁର ବ୍ଲକରେ ରହିଛି। ତେବେ ରାଜସୁନାଖଳା ଦୁଇ ଜିଲାର ଗୋଟିଏ ପ୍ରମୁଖ ବଜାର ଭାବେ ପରିଚିତ ହୋଇଆସୁଛି। ଏହି ଅଞ୍ଚଳରେ ଡ୍ରେନ ନିର୍ମାଣ ହୋଇଥିଲେ ମଧ ବଜାର ତଥା ରାଜପଥରେ ପଡୁଥିବା ବର୍ଜ୍ୟବସ୍ତୁ ପଡି ଡ୍ରେନ ପୋତି ହୋଇଗଲା। ବର୍ଷା ଅସରାଏ ହେଲେ ଜଳ ନିଷ୍କାସନ ନ ହୋଇ ନର୍ଦ୍ଦମା ଜଳ ସହ ବର୍ଜ୍ୟବସ୍ତୁ ରାଜପଥ ଉପରେ ପ୍ରବାହିତ ହେଉଛି। ଏଣୁ ରାଜପଥ ଉପରେ ବର୍ଜ୍ୟବସ୍ତୁ ଓ ମାଟି, ପଥର ଜମି ଦୁର୍ଘଟଣାର କାରଣ ପାଲଟୁଛି।



ଯଦି ନୀଚ ଲୋକଠାରେ ଦିବ୍ୟଗୁଣ ଥାଏ, ତାକୁ ଦରକାର ହେଲେ ଗ୍ରହଣ କରିବା ଉଚିତ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ଉଚ୍ଛେଦକୁ ନେଇ ଅସନ୍ତୋଷ: ଦ୍ୱିତୀୟ ଦିନ ସର୍ଭେ ବନ୍ଦ

**ପୁରୀ ଅଫିସ, ୨୦।୯:** ଶ୍ରୀମନ୍ଦିର ମେଘନାଦ ପାଚେରି କଡ଼ରୁ ୭୫ ମିଟର ଉଚ୍ଛେଦକୁ ନେଇ ଦିନକୁ ଦିନ ଅସନ୍ତୋଷ ବଢ଼ୁଛି। ପୁରୁଷ ପୁରୁଷ ଧରି ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଘର କରି ରହିଥିବା ଲୋକେ ଆଦୌ ଭିଟାମାଟି ଛାଡିବାକୁ ପ୍ରସ୍ତୁତ ନାହାନ୍ତି। ତେଣୁ ଏହି ବିରୋଧ ଯୋଗୁ ଶୁକ୍ରବାର ଲଗାତର ଦ୍ୱିତୀୟ ଦିନ ପାଇଁ ସର୍ଭେ କାର୍ଯ୍ୟ ବନ୍ଦ ରହିଛି। ଗୁରୁବାର ପଶ୍ଚିମ ପାର୍ଶ୍ୱରେ ୭୫ ମିଟର ସୀମା ନିର୍ଦ୍ଧାରଣ ଚାଲିଥିଲା। ତେବେ କୌଣସି ନୋଟିସ୍ ନ ଦିଆଯାଇ ତାଙ୍କ ଘରେ ପଶି ମାପଚୁପ କରାଯାଉଥିବାରୁ ଏହାକୁ ସ୍ଥାନୀୟ ଲୋକେ ବିରୋଧ କରିଥିଲେ। କ୍ଷତିଗ୍ରସ୍ତ ହେବାକୁ ଯାଉଥିବା ଲୋକଙ୍କ ସହ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ ଆଲୋଚନା କରିଥିଲେ ମଧ୍ୟ କୌଣସି ସମାଧାନ ବାହାରି ପାରି ନ ଥିଲା। ଲୋକେ ଜିଦ୍‌ରେ ଅଟଳ ରହିବାରୁ ଅତିରିକ୍ତ ଜିଲାପାଳ ଆଲୋଚନା ଅଧାରୁ ଉଠି ଯାଇଥିଲେ। ଫଳରେ ମାପଚୁପ ଅଧାରୁ ବନ୍ଦ ରହିଥିଲା। ଶୁକ୍ରବାର ବି ମହିଳାମାନେ ଧାରଣା ଦେବାରୁ ଲଗାତର ଦ୍ୱିତୀୟ ଦିନ ଲାଗି ସର୍ଭେ କାର୍ଯ୍ୟ ଆରମ୍ଭ ହୋଇପାରି ନ ଥିଲା। ତେବେ ବଡ଼ ଆଖଡା ମଠ ପରେ ହଠାତ୍ ଉଚ୍ଛେଦ ଅଭିଯାନ ବନ୍ଦ ରହିବା ନେଇ ନାନା ପ୍ରକାର ଆଲୋଚନା ଚାଲିଛି। ଏ ସମ୍ପର୍କରେ ଜିଲାପାଳ ବଲୱନ୍ତ ସିଂ କହିଛନ୍ତି, ବର୍ତ୍ତମାନ ସର୍ଭେ ଚାଲିଛି। ପୁଣି ଥଇଥାନ ପାଇଁ ଜମି ଚିହ୍ନଟ କରାଯାଉଛି। ଉଚ୍ଛେଦ ବନ୍ଦ ହୋଇନାହିଁ, ପ୍ରକ୍ରିୟା ଜାରି ରହିଛି।

### ଜାମିନ ପାଇଲେ ଫାଇଲିନ୍ ଆନ୍ଦୋଳନକାରୀ

**ବ୍ରହ୍ମଗିରି, ୨୦।୯(ଡି.ଏନ୍.ଏ.):** ଫାଇଲିନ୍ କ୍ଷତିଗ୍ରସ୍ତମାନେ କ୍ଷତିପୂରଣ ପାଇବା ନିମନ୍ତେ ଆନ୍ଦୋଳନ କରି ଅନେକ ମାମଲାରେ ଛନ୍ଦି ହୋଇଥିଲେ। ଶୁକ୍ରବାର ସେମାନେ ଏହି ସବୁ ମାମଲାରେ ଜାମିନ ପାଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ବ୍ରହ୍ମଗିରି ବ୍ଲକର ଫାଇଲିନ କ୍ଷତିଗ୍ରସ୍ତମାନେ ନିଜର ହକ୍ ପାଇଁ ୨୦୧୭ ମସିହାରେ ଆନ୍ଦୋଳନ କରିବା ସହିତ ରାଜରାସ୍ତା ଅବରୋଧ କରିଥିଲେ। ଏନେଇ ବ୍ରହ୍ମଗିରି ଥାନାରେ ସେମାନଙ୍କ ନାମରେ ୨୪୮/୧୭ରେ ମାମଲା ରୁଜୁ ହୋଇଥିଲା। ପ୍ରାୟ ୨ଶହ ଲୋକଙ୍କ ନାମରେ ମାମଲା ରହିଥିଲା। ଏହି କ୍ଷତିଗ୍ରସ୍ତମାନେ ଜାମିନ ପାଇବା ପାଇଁ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ଫାଇଲିନ୍ ହିତାଧିକାରୀଙ୍କ ମଧ୍ୟରୁ ନବୀ ଭୋଇ, କୋତରୀ ଭୋଇ, ସନ୍ତୋଷ ପ୍ରଧାନ, ଅଜୟ ଜେନା, ଭାସି ବାରିକ ଓ ଅଜୟ ଖଟେଇଙ୍କ ସମେତ ୬ଜଣ ବ୍ରହ୍ମଗିରି ଥାନାରେ ଜାମିନ ପାଇଛନ୍ତି।

### ଭକ୍ତି ସଙ୍ଗୀତ ସମାରୋହ

**ପୁରୀ ଅଫିସ, ୨୦।୯:** ପୁରୀ ଜିଲା ବିଶ୍ୱକର୍ମା ମହାସଭା ପକ୍ଷରୁ ବଳଗଣ୍ଡି ଠାରେ ବିଶ୍ୱକର୍ମା ପୂଜା ଓ ସାଂସ୍କୃତିକ ମହୋତ୍ସବର ଶୁକ୍ରବାର ସନ୍ଧ୍ୟାରେ ଭକ୍ତି ସଙ୍ଗୀତ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ ଲିଙ୍ଗରାଜ ଯୋଗ ସଙ୍ଗୀତ ସଂସ୍କୃତ ମହାବିଦ୍ୟାଳୟ(ଲିଜମ୍)ର କଣ୍ଠଶିଳ୍ପୀ ପାରମ୍ପରିକ ଭକ୍ତି ସଙ୍ଗୀତ ପରିବେଷଣ କରି ପରିବେଶକୁ ମନ୍ତ୍ରମୁଗ୍ଧ କରିଥିଲେ। ଏହି ସମାରୋହରେ ମହାସଭାର ବୃନ୍ଦାବନ ମହାରଣା, ସମ୍ପାଦକ ଉପେନ୍ଦ୍ର ମହାରଣା ଓ ଯୋଗାଚାର୍ଯ୍ୟ ଡ.ରମାକାନ୍ତ କର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଥକା ମନ ଚାଲ ଯିବା, ହାତରେ ମୋ ମୁଠା ମୁଠା ଶରଧାବାଲି, ଆହେ ନୀଳଶୈଳ ପ୍ରଭୃତି ଗୋଟିଏ ପରେ ଗୋଟିଏ ଭକ୍ତି ସଙ୍ଗୀତରେ ଦର୍ଶକ ବିମୋହିତ ହୋଇଥିଲେ। କଣ୍ଠଶିଳ୍ପୀ ଯୁଧିଷ୍ଠିର ବାରିକ, ରାମଚନ୍ଦ୍ର ସାହୁ, ମି.ରାଜୁ, ପ୍ରତିମା ଦାଶ, ଗଣେଶ୍ୱର ପ୍ରହରାଜ, ଶୋଭନା ମିଶ୍ର, ରଚିସ୍ମିତା ଗୁରୁ, ନୀଳମଣି ପ୍ରଧାନ, ବବୁଲୁ ସାହୁ, ରାମଚନ୍ଦ୍ର ସାହୁ ପ୍ରମୁଖଙ୍କ କଣ୍ଠରୁ ଭକ୍ତି ରସାତ୍ମକ ସଙ୍ଗୀତ ଝରିଥିଲା। ବାଦ୍ୟଯନ୍ତ୍ରରେ ଗୌରୀ ଶଙ୍କର ମିଶ୍ର, ପଣ୍ଡିତ ରମାକାନ୍ତ କର, ଚନ୍ଦନ ଦାଶ, ଲକ୍ଷ୍ମୀଧର ମଲ୍ଲିକ ସହଯୋଗ କରିଥିଲେ।

## ଦୟନୀୟ ଅବସ୍ଥାରେ ମହାବୀର ଉଚ୍ଚ ବିଦ୍ୟାଳୟ

# ଛାତ୍ରୀଛାତ୍ରଙ୍କୁ ମିଳୁନି ପିଇବା ପାଣି

**ପୁରୀ ଅଫିସ, ୨୦।୯**

ଶିକ୍ଷାର ବିକାଶ ପାଇଁ ସରକାର ଏକାଧିକ ଯୋଜନା କରୁଛନ୍ତି। ପିଲାମାନେ କିପରି ବିଦ୍ୟାଳୟମୁହାଁ ହେବେ ସେଥିଲାଗି ବ୍ୟାପକ ଅର୍ଥ ମଧ୍ୟ ଖର୍ଚ୍ଚ ହେଉଛି। କିନ୍ତୁ ବାସ୍ତବରେ ଏହାର ସୁଫଳ ଛାତ୍ରୀଛାତ୍ରମାନେ ପାଉଛନ୍ତି କି ନାହିଁ ତାହାର ତଦାରଖ କରାଯାଉ ନାହିଁ। ପୁରୀ ସଦର ବ୍ଲକ ଅନ୍ତର୍ଗତ ଶିରୁଳୀସ୍ଥିତ ମହାବୀର ଉଚ୍ଚ ବିଦ୍ୟାଳୟ। ଖୋଦ୍ ଶିକ୍ଷାମନ୍ତ୍ରୀଙ୍କ ଜିଲାରେ ଅବସ୍ଥିତ ଏହି ବିଦ୍ୟାଳୟ ପ୍ରତି ନା ସରକାରଙ୍କ ଶୁଭ ଦୃଷ୍ଟି ପଡୁଛି ନା ପ୍ରଶାସନର। ଏଠାରେ ସାମାନ୍ୟ ପିଇବା ପାଣି ମୁନ୍ଦିଏ ମିଳୁ ନ ଥିବାବେଳେ ଶୌଚାଳୟ ସୁବିଧା ବି ନାହିଁ। ପାଚେରି ମୁକୁଳା ପଡିଥିବା ବେଳେ ବିଦ୍ୟାଳୟ ପରିସର ବିଷାକ୍ତ ସାପ ଓ ଅନ୍ୟାନ୍ୟ ସରୀସୃପଙ୍କ ଆବାସସ୍ଥଳୀ ପାଲଟିଛି। ଏ ନେଇ ଛାତ୍ରୀଛାତ୍ରମାନେ ଭୟଭୀତ ଅବସ୍ଥାରେ ପାଠ ପଢ଼ିବାକୁ ଆସୁଛନ୍ତି।

ପ୍ରସିଦ୍ଧ ଶିରୁଳୀ ମହାବୀର ମନ୍ଦିରଠାରୁ ମାତ୍ର ୨୦୦ ମିଟର ଦୂରରେ ଏହି ସ୍କୁଲ ଅବସ୍ଥିତ। ୧୯୮୦ ମସିହାରେ ନିର୍ମିତ ଏହି ବିଦ୍ୟାଳୟରେ ନବମ ଓ ଦଶମ ଶ୍ରେଣୀରେ ପ୍ରାୟ ୧୫୦ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଏମାନଙ୍କ ମଧ୍ୟରେ ଛାତ୍ରୀଙ୍କ ସଂଖ୍ୟା ଅଧିକ । ସ୍କୁଲରେ ୮ ଜଣ ଶିକ୍ଷକ ଏବଂ କର୍ମଚାରୀ ଅଛନ୍ତି। ଚାରିପଟେ ଚାଷଜମି ଏବଂ ଜଳାଶୟ ଥିବାବେଳେ ମଝିରେ ଏହି ବିଦ୍ୟାଳୟ ରହିଛି। ହେଲେ ସବୁଠୁ ଦୁର୍ଭାଗ୍ୟର ବିଷୟ ପାନୀୟ ଜଳ ଅତ୍ୟନ୍ତ ଜରୁରୀ ଥିଲେ ମଧ୍ୟ ଏହା ଛାତ୍ରୀଛାତ୍ରଙ୍କୁ ମିଳୁନାହିଁ। ବିଦ୍ୟାଳୟ ପରିସରରେ ଦୁଇଟି ନଳକୂପ ଦୀର୍ଘବର୍ଷ ଧରି ଅଚଳ ହୋଇପଡିଛି। ଏକ ସଂସ୍ଥା ପକ୍ଷରୁ କ୍ୟାମ୍ପସ ପରିସରରେ ବୋରିଂ କାମ କରାଯାଉଛି। ୩ ବର୍ଷ ହେଲାଣି ଏହି ବୋରିଂ ଚାଲିଥିବା ବେଳେ କିଏ କରୁଛି ସେ ବିଷୟରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଜାଣି ନାହାନ୍ତି। ତାହା ବି କାର୍ଯ୍ୟକ୍ଷମ ହୋଇନାହିଁ। ତେଣୁ ପିଇବା ପାଣି ଏକ ପ୍ରମୁଖ ସମସ୍ୟା ପାଲଟିଛି। ପିଲାମାନେ ବୋତଲରେ ଘରୁ ଯେତିକି ପାଣି ଆଣୁଛନ୍ତି ସେତିକି ହିଁ ପିଉଛନ୍ତି। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଏହି ପାଣି ପର୍ଯ୍ୟାପ୍ତ ହେଉନାହିଁ। ତେଣୁ ଶୋଷ ଲାଗିଲେ ବି ସେମାନଙ୍କୁ ସେମିତି ପୁଣି ଘରେ ପହଞ୍ଚିବା ଯାଏ ଅପେକ୍ଷା କରିବାକୁ ପଡୁଛି। ସେହିପରି ଏଠାରେ ଶୌଚାଳୟଟିଏ ମଧ୍ୟ ନାହିଁ। ଫଳରେ ଛାତ୍ରୀମାନେ ପାସ୍ ଯିବାକୁ ଅଧିକ ହଇରାଣ ହେଉଛନ୍ତି। ବାତ୍ୟା ପରଠାରୁ ପାଚେରି ଭାଙ୍ଗି ଯାଇଥିବାରୁ ପରିସ୍ରା ଲାଗି ଜାଗା ପାଉନାହାନ୍ତି। ବିଦ୍ୟାଳୟ ପାଇଁ ଶୌଚାଳୟ ତିଆରି ଚାଲିଥିଲେ ମଧ୍ୟ ତାହା ସମ୍ପୂର୍ଣ୍ଣ ହୋଇପାରି ନାହିଁ। ପିଲା ପରିସ୍ରା ଯିବା ପାଇଁ ସ୍କୁଲ କର୍ତ୍ତୃପକ୍ଷ ଚାଞ୍ଚ ଅଡା ତିଆରି କରିଥିଲେ। ହେଲେ ପାଚେରି ଭାଙ୍ଗି ପଡିଥିବାରୁ ବୁଲା ଗୋରୁ ପଶି ସେହି ଅଡାକୁ ଭାଙ୍ଗି ଦେଉଛନ୍ତି। ଏ ସମ୍ପର୍କରେ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମହେଶ୍ୱର ନାୟକ କହିଛନ୍ତି, ପିଲାଙ୍କ ପାଇଁ ପିଇବା ପାଣି ଏବଂ ଶୌଚାଳୟ ପ୍ରମୁଖ ସମସ୍ୟା ପାଲଟିଛି। ସେହିପରି ବାତ୍ୟାରେ ବିଦ୍ୟାଳୟ ପାଚେରି ଭାଙ୍ଗି ଯାଇଥିଲା। କ୍ଷୟକ୍ଷତି ରିପୋର୍ଟ ପ୍ରସ୍ତୁତ କରି ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିଥିଲୁ। ଆର୍‌ଡି ଡିପାର୍ଟମେଣ୍ଟର ଅଧିକାରୀମାନେ ଆସି କ୍ଷୟକ୍ଷତିର ବାସ୍ତବ ସ୍ଥିତି ଅନୁଧ୍ୟାନ କରିଛନ୍ତି ବୋଲି ସେ କହିଥିଲେ।

**ଶୌଚାଳୟ ନାହିଁ, ଭାଙ୍ଗିଛି ପାଚେରି**



ମହାବୀର ଉଚ୍ଚବିଦ୍ୟାଳୟ ପରିସରରେ ଥିବା ଅଚଳ ନଳକୂପ।

### କ୍ୟାମ୍ପସରେ ବୁଲୁଛନ୍ତି ସାପ

ଏବେ କିନ୍ତୁ ସାପ ଏବଂ ସରୀସୃପଙ୍କୁ ନେଇ ଛାତ୍ରୀଛାତ୍ର ଅଧିକ ଭୟଭୀତ ହୋଇପଡିଛନ୍ତି। ବାତ୍ୟାରେ ବିଦ୍ୟାଳୟର ସାଇକେଲ ଷ୍ଟାଣ୍ଡ, ପାଚେରି ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ପଡିଥିଲା। ବାତ୍ୟାକୁ ୪ ମାସରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ପାଚେରି ତିଆରି କରାଯାଇ ପାରିନାହିଁ। ବର୍ତ୍ତମାନ ବର୍ଷା ଋତୁ ଚାଲିଥିବାରୁ ବିଦ୍ୟାଳୟ ଚତୁଃପାର୍ଶ୍ୱରେ ପାଣି ଜମିଛି। ଫଳରେ ବିଷାକ୍ତ ସାପ ଏବଂ ଅନ୍ୟାନ୍ୟ ସରୀସୃପ ସ୍କୁଲ କ୍ୟାମ୍ପସ ଏବଂ ଶ୍ରେଣୀ ଗୃହରେ ପଶି ଯାଉଛନ୍ତି। ବିଭିନ୍ନ ସମୟରେ କ୍ୟାମ୍ପସ ପରିସରରେ ସାପ ବୁଲୁଥିବା ଦେଖିବାକୁ ମିଳୁଛି। ଗତମାସରେ ବିଦ୍ୟାଳୟ କ୍ୟାମ୍ପସରୁ ୪ଟି ନାଗସାପ ଧରା ପଡିଥିଲେ। ସୋମବାର ଅଫିସ ଗୃହରୁ ମଧ୍ୟ ସାଢେ ୪ ଫୁଟ ଲମ୍ବର ଏକ ନାଗସାପକୁ ସ୍ନେକ ହେଲ୍‌ପ ଲାଇନ ସଦସ୍ୟ ଧରିଥିଲେ। ବାରମ୍ବାର ବିଦ୍ୟାଳୟରୁ ସାପ ବାହାରୁଥିବା ବେଳେ ଛାତ୍ରୀଛାତ୍ରମାନେ ଭୟଭୀତ ହୋଇପଡିଛନ୍ତି।



ମଣିନାଗ ଦୁର୍ଗାଙ୍କ ବିଜେ ପ୍ରତିମା ସୁସଜ୍ଜିତ ରଥରେ ସାକ୍ଷୀଗୋପାଳ ମନ୍ଦିରକୁ ନିଆଯାଉଛି।

## ଗଢ଼ିଲା ପାର୍ବଣ ରଥ

# ଶାରଦୀୟ ପୂଜା ପାଇଁ ଭଉଣୀଙ୍କୁ ନିମନ୍ତ୍ରଣ

**ସାକ୍ଷୀଗୋପାଳ,୨୦।୯(ଡି.ଏନ.ଏ.)**

ପାଖେଇ ଆସିଛି ଶାରଦୀୟ ପୂଜା। ଏଥିପାଇଁ ରାଜ୍ୟ ସାରା ଜୋରଦାର ପ୍ରସ୍ତୁତି ଚାଲିଥିବାବେଳେ ଦେବୀ ମନ୍ଦିରଗୁଡ଼ିକ ମଧ୍ୟ ଚଳଚଞ୍ଚଳ ହୋଇପଡିଛି। ସହସ୍ର କୁମ୍ଭ ବରଣ ଅବ୍ୟବହିତ ପୂର୍ବରୁ ଶୁକ୍ରବାର ଷଷ୍ଠୀ ତିଥିରେ ପାର୍ବଣ ରଥ ଦେଖିବାକୁ ମିଳିଛି। ଆଦ୍ୟ ଶାସନ ବୀରରାମଚନ୍ଦ୍ରପୁର ଶାସନରୁ ମଣିନାଗ ଦୁର୍ଗାଙ୍କ ବିଜେ ପ୍ରତିମା ସୁସଜ୍ଜିତ ରଥରେ ସାକ୍ଷୀଗୋପାଳ ଚନ୍ଦନ ପୋଖରୀସ୍ଥିତ ମାଳେଶ୍ୱରୀଙ୍କ ମନ୍ଦିରରେ ପହଞ୍ଚି ସାନ ଭଉଣୀଙ୍କୁ ଶାରଦୀୟ ପୂଜା ପାଇଁ ନିମନ୍ତ୍ରଣ କରିଛନ୍ତି। ରଥରୁ ଆଜ୍ଞାମାଳ ଅଣାଯାଇ ମାଳେଶ୍ୱରୀଙ୍କୁ ଲାଗି କରାଯାଇଥିଲା। ଏଥିପାଇଁ ଗ୍ରାମର ଗୋପୀନାଥ ଦେବଙ୍କ କୋଠ ପକ୍ଷରୁ ମାଳେଶ୍ୱରୀଙ୍କ ମାଜଣା, ଭୋଗ ନୈବେଦ୍ୟ, ଆଳତି ଅନୁଷ୍ଠିତ ହୋଇଥିଲା। କୋଠ କମିଟି ସଦସ୍ୟ ଓ ବିଭିନ୍ନ ବର୍ଗର ସେବାୟତମାନେ ପ୍ରସାଦ ସେବନ କରିବା ପରେ ମାଳେଶ୍ୱରୀଙ୍କ ନିକଟରୁ ଗୋଟିଏ ଛଡାମାଳ ରଥକୁ ନିଆଯାଇଥିଲା। ପରେ ରଥ ମନ୍ଦିରକୁ ଫେରିଯାଇଥିଲା। ସେହିପରି ମହମାୟାଙ୍କ ବିଜେ ପ୍ରତିମା ରଥାରୂଢ଼ ହୋଇ ସାକ୍ଷୀଗୋପାଳ ଠାକୁରଙ୍କ ସହ ଭେଟ ହୋଇଥିଲେ। ସେଠାରେ ଦେବୀଙ୍କୁ ମହାପ୍ରସାଦ ଓ ଠାକୁରଙ୍କ ଛଡାମାଳ ସମର୍ପଣ କରାଯାଇଥିଲା। ମହାମାୟାଙ୍କ ରଥ ସେବକସାହିସ୍ଥିତ ଜାଗେଶ୍ୱରୀଙ୍କ ମନ୍ଦିର ନିକଟରେ ପହଞ୍ଚି ଭଉଣୀ ଓ ପୁତୁରାଙ୍କୁ ଶାରଦୀୟ ପୂଜାରେ ଯୋଗ ଦେବାକୁ ନିମନ୍ତ୍ରଣ ଦେଇଥିଲେ।

# ୨୪ ପଞ୍ଚାୟତରେ ଖର୍ଚ୍ଚ ହୋଇ ପାରୁନି ୧୦ କୋଟି

**ଗୋପ,୨୦।୯(ଡି.ଏନ୍.ଏ)**

ଗୋପ ବ୍ଲକ୍‌ର ୨୪ରୁ ଉର୍ଦ୍ଧ୍ୱ ପଞ୍ଚାୟତର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ପାଇଁ ଆସିଥିବା ପ୍ରାୟ ୧୦କୋଟି ଟଙ୍କା ଖର୍ଚ୍ଚ ନ ହୋଇ ସେଭଳି ପଡ଼ିରହିଛି। ଅନ୍ୟପଟେ ସରପଞ୍ଚ ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ଅଭାବ ଯୋଗୁ ଏହା ଖର୍ଚ୍ଚ ହୋଇପାରୁ ନ ଥିବା ଜଣାପଡିଛି। ଏଥିପାଇଁ ଶୁକ୍ରବାର ଗୋପ ପଞ୍ଚାୟତ ସମିତି ବୈଠକ ଗୃହରେ ଟଙ୍କା ଖର୍ଚ୍ଚ କରିବା ଲାଗି ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପରିଡ଼ା ପଞ୍ଚାୟତଗୁଡ଼ିକରେ ଟଙ୍କା ଖର୍ଚ୍ଚ ନ ହୋଇ ପାରିବା ନେଇ ପଞ୍ଚାୟତିରାଜ ସଚିବ ଦୁଃଖ ପ୍ରକାଶ କରିବା ସହ ପତ୍ର ସଂଖ୍ୟା ନଂ ୧୫୧୯୮ ତା୦୪।୦୯।୨୦୧୯ରେ ଗ୍ରାମ ପଞ୍ଚାୟତ ବିକାଶ ପ୍ରକଳ୍ପରେ ଆଂଶିକ ପରିବର୍ତ୍ତନ କରିଥିବା ସୂଚନା ଦେଇଥିଲେ। ଏଥିରେ ବିଡିଓ ଦୀପ୍ତିରାଣୀ ଦାସ ସଂଶୋଧିତ ପଞ୍ଚାୟତ ଉନ୍ନୟନ ପ୍ରକଳ୍ପରେ ଗ୍ରାମ୍ୟ ସଂଯୋଗୀକରଣ ରାସ୍ତା, କଲଭର୍ଟ, ଜଳସଂରକ୍ଷଣ ପ୍ରକଳ୍ପ, ପୋଖରୀ ଖନନ ଆଦି ପ୍ରକଳ୍ପକୁ ଅନ୍ତର୍ଭୁକ୍ତ କରିଛନ୍ତି। ଠିକ୍ ଭାବେ ସମନ୍ୱୟ ରଖି କାର୍ଯ୍ୟ କରିବା ସହ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କାର୍ଯ୍ୟ ଶେଷ କରି ଅନୁଦାନଗୁଡ଼ିକ ଖର୍ଚ୍ଚ କରିବାକୁ ବିଡିଓ ଦାସ ପରାମର୍ଶ ଦେଇଥିଲେ। ଏ ନେଇ ବିଡିଓ ଦାସ କୁହନ୍ତି, ପଞ୍ଚାୟତ ପାଇଁ ଆସିଥିବା ଟଙ୍କା ସବୁ ଖର୍ଚ୍ଚ ନ ହେବା ଅତ୍ୟନ୍ତ ଦୁଃଖର ବିଷୟ। ସରପଞ୍ଚ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଉପସ୍ଥିତ ଥିବାରୁ ଉଭୟ ଠିକ୍ ଭାବେ ଓ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଟଙ୍କା ଖର୍ଚ୍ଚ ଲାଗି ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରାଯାଇଛି।



ଶ୍ରୀମନ୍ଦିର ପଶ୍ଚିମପାର୍ଶ୍ୱ ଗାଣ୍ଡୁଆ ଚଉରା ଛକରେ ଶୁକ୍ରବାର ଉଚ୍ଛେଦ ବନ୍ଦ ଦାବିରେ ମହିଳାମାନେ ଧାରଣାରେ ବସିଛନ୍ତି।

### ଶରଧାବାଲି ବ୍ୟବସାୟୀ ସଂଘର ବୈଠକ

**ପୁରୀ ଅଫିସ, ୨୦।୯:** ଶରଧାବାଲି ବ୍ୟବସାୟୀ ସଂଘ ପକ୍ଷରୁ ଶୁକ୍ରବାର ଦଶାବତାର ମଠ ପରିସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସୁରେନ୍ଦ୍ରନାଥ ଦାଶ ସଭାପତି, ବୀରେନ୍ଦ୍ର ଭୂଷଣ ହୋତା ଓ ଦୁର୍ଗାମାଧବ ମହାପାତ୍ର ଉପସଭାପତି, ଜିତଜ୍ୟୋତି ଦାସ ସମ୍ପାଦକ, ପ୍ରଭାକର ସାହୁ କୋଷାଧ୍ୟକ୍ଷ, ବନମାଳୀ ସାହୁ ସାଂସ୍କୃତିକ ସମ୍ପାଦକ, ସହ ସମ୍ପାଦକ ଭାବେ ଆଇନଜୀବୀ ପୁଷ୍କର ମହାପାତ୍ର, ମଧୁସୂଦନ ଦାଶ ସୁଧାଂଶୁ ଶେଖର ରାୟ ପ୍ରମୁଖ ଉପଦେଷ୍ଟା ରହିଥିବା ବେଳେ କାର୍ଯ୍ୟକାରୀ କମିଟିକୁ ୨୧ଜଣ ମନୋନୀତ ହୋଇଛନ୍ତି।

### ବିଶ୍ୱଶାନ୍ତି ନେଇ ସୁନ୍ଦରାକାଣ୍ଡ ପାଠ

**ପୁରୀ ଅଫିସ, ୨୦।୯:** ସ୍ଥାନୀୟ କଟେରି ରୋଡ ବିଦ୍ୟୁତ୍ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ବିଶ୍ୱକର୍ମା ପୂଜା ଅବସରରେ ଶ୍ରୀରାମ ସୁନ୍ଦରାକାଣ୍ଡ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବିଶ୍ୱ କଲ୍ୟାଣ ଓ ଗୋମାତାର ସୁରକ୍ଷା ପାଇଁ ସୁନ୍ଦରାକାଣ୍ଡ ପାଠ ହୋଇଥିଲା। ପଣ୍ଡିତ ବିଷ୍ଣୁଚରଣ ପଣ୍ଡାଙ୍କ ନେତୃତ୍ୱରେ ପଣ୍ଡିତ କୈଳାସ ଚନ୍ଦ୍ର ଦାସ ଜୀ, ପଣ୍ଡିତ କାର୍ତ୍ତିକ ସାହୁ, ପବିତ୍ରା ପଣ୍ଡା, ସ୍ନେହାଶିଷ ମହାନ୍ତି, କୈଳାସ ଚନ୍ଦ୍ର ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ। ସହକାରୀ ଯନ୍ତ୍ରୀ ରବି ନାରାୟଣ ସିଂ, ରମାକାନ୍ତ ଖଟୁଆ, ରାଜେଶ କୁମାର ପଟ୍ଟନାୟକ, କୃଷ୍ଣଚନ୍ଦ୍ର ସାହୁ, ମଳୟ ବେହେରା, ବସନ୍ତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଟ୍ରଷ୍ଟ ପକ୍ଷରୁ ଶିବ ପ୍ରସାଦ ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା।

### କୁମାର ଉତ୍ସବ ଉପଲକ୍ଷେ ଜିଲାସ୍ତରୀୟ ପ୍ରତିଯୋଗିତା

**ପୁରୀ ଅଫିସ, ୨୦।୯**

କୁମାର ଉତ୍ସବ ସମିତି ପକ୍ଷରୁ ଅକ୍ଟୋବର ୧୪ରୁ ୧୬ ତାରିଖ ତିନିଦିନ ଧରି ଶରଧାବାଲିଠାରେ ୫୨ତମ କୁମାର ଉତ୍ସବ ଅନୁଷ୍ଠିତ ହେବ। ଏଥିଲାଗି ଆସନ୍ତା ୨୮ ଓ ୨୯ ତାରିଖ ଦୁଇଦିନ ଡୁଡୁୱାଲା ଧର୍ମଶାଳାରେ ଜିଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତା (ଶ୍ରୀକ୍ଷେତ୍ର କୁମାରୀ, ଶ୍ରୀକ୍ଷେତ୍ର କୁମାର, ଚିତ୍ରାଙ୍କନ, ଝୋଟି, ଭଜନ ଓ ଲୋକନୃତ୍ୟ) କରାଯିବ। ଇଚ୍ଛୁକ ପ୍ରତିଯୋଗୀ ଏହି ଦୁଇଦିନ ଡୁଡୁୱାଲା ଧର୍ମଶାଳାସ୍ଥିତ ସମିତି କାର୍ଯ୍ୟାଳୟରେ ନାମ ପଞ୍ଜୀକୃତ କରିପାରିବେ। କୃତୀ ପ୍ରତିଭାଙ୍କୁ ଅନୁଷ୍ଠାନର ୫୨ତମ କୁମାର ଉତ୍ସବ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ। ସେହିଭଳି ପୂର୍ବବର୍ଷ ଭଳି ଏ ବର୍ଷ ମଧ୍ୟ ଏକ ଶୋଭନୀୟ ସ୍ମରଣିକା ପ୍ରକାଶ ପାଇବ ବୋଲି ସମିତିର ସାଧାରଣ ସମ୍ପାଦକ ସ୍ୱାଧୀନ କୁମାର ପଣ୍ଡା କହିଛନ୍ତି।

## ଦୁଃଖ ପ୍ରକାଶ କଲା ସନ୍ଥ ସମାଜ

**ପୁରୀ ଅଫିସ, ୨୦।୯**

ଦାମୋଦର ରୋଡସ୍ଥିତ ରାମକୃଷ୍ଣ ଆନନ୍ଦ ଧାମ ପରିସରରେ ଗୁରୁବାର ସନାତନ ସନ୍ଥ ସମାଜ ସମ୍ମିଳନୀରେ ଜଣେ ସନ୍ଥ ଗଣମାଧ୍ୟମକୁ ଦୁର୍ବ୍ୟବହାର କରିଥିଲେ। ଉଚ୍ଛେଦ ପ୍ରସଙ୍ଗକୁ ନେଇ ସବୁ ଗଣମାଧ୍ୟମ ବିକ୍ରି ହୋଇଯାଇଥିବା କହିଥିଲେ। ଏହି କଥାକୁ ଧରିଥିଲେ ଗଣମାଧ୍ୟମ ପ୍ରତିନିଧି। କେଉଁ ଗଣମାଧ୍ୟମ ବିକ୍ରି ହୋଇଛି, କିଏ କିଣିଛି ଏହାର ପ୍ରମାଣ ଦେବାକୁ ସମ୍ପୃକ୍ତ ସନ୍ଥଙ୍କୁ କହିଥିଲେ। ଏହାକୁ ନେଇ କିଛି ସମୟ ଉତ୍ତେଜନା ପ୍ରକାଶ ପାଇଥିଲା ଏବଂ ଗଣମାଧ୍ୟମ ପ୍ରତିନିଧି ଏହି କାର୍ଯ୍ୟକ୍ରମକୁ ବର୍ଜନ କରିଥିଲେ। ତେବେ ଏହି ଘଟଣାକୁ ନେଇ ଶୁକ୍ରବାର ଅଖିଳ ଭାରତ ସନ୍ଥ ସମାଜ ଦୁଃଖ ପ୍ରକାଶ କରିଛି। ଗୋଏଙ୍କା ଧର୍ମଶାଳା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଖିଳ ଭାରତ ସନ୍ଥ ସମାଜ ଓଡ଼ିଶା ଅଧ୍ୟକ୍ଷ ଶଙ୍କରାନନ୍ଦ ଗିରି କହିଛନ୍ତି, ଗଣମାଧ୍ୟମ ବିକ୍ରି ହୋଇଯିବା ନେଇ ଜଣେ ସନ୍ଥ ଯାହା କହିଛନ୍ତି ଏହା ସମ୍ପୂର୍ଣ୍ଣ ଭୁଲ୍। ଏଭଳି କଥା କହିବା କେବେ ହେଲେ ଗ୍ରହଣଯୋଗ୍ୟ ନୁହେଁ। କୌଣସି ସନ୍ଥ ଏହାକୁ ଗ୍ରହଣ କରୁନାହାନ୍ତି। କୌଣସି ମଠ, ମନ୍ଦିର ଭାଙ୍ଗିବା କିମ୍ବା ରଖିବା ନେଇ କାର୍ଯ୍ୟକ୍ରମ ନ ଥିଲା। ସନାତନ ସନ୍ଥ ସମାଜର ତିନିଦିଆ କାର୍ଯ୍ୟକ୍ରମ ଥିଲା। ସେ କେମିତି କଣ ଭୁଲରେ କହିଛନ୍ତି ତାହା ଆମେ ଜାଣିପାରୁ ନାହୁଁ। ଏଥିପାଇଁ ସମ୍ପୃକ୍ତ ସନ୍ଥ ମର୍ମାହତ ଏବଂ ଦୁଃଖିତ। ତାଙ୍କୁ କୌଣସି ସନ୍ଥ ଏଭଳି କହିବା ପାଇଁ ମଧ୍ୟ କହିନାହାନ୍ତି। ଏହିଘଟଣା ପାଇଁ ସନ୍ଥମାନେ ବହୁତ ଦୁଃଖିତ ବୋଲି ସେ କହିଥିଲେ।



ଖବରଦାତା ସମ୍ମିଳନୀରେ ସନ୍ଥ ସମାଜ ଓଡ଼ିଶା ଅଧ୍ୟକ୍ଷ ଶଙ୍କରାନନ୍ଦ ଗିରି ଓ ଅନ୍ୟମାନେ।

# ସୂରଯ ମଲ୍ଲ ଶାହା କଲେଜ ଦଳଗତ ଚାମ୍ପିୟନ

**ପୁରୀ ଅଫିସ, ୨୦।୯**

ସ୍ଥାନୀୟ ସୂରଯ ମଲ୍ଲ ଶାହା କଲେଜରେ ଶୁକ୍ରବାର ଆନ୍ତଃ ମହାବିଦ୍ୟାଳୟସ୍ତରୀୟ କୁସ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ କଲେଜ ଅଧ୍ୟକ୍ଷ ପ୍ରଫେସର ଅଶ୍ୱିନୀ କୁମାର ଦାସ, କୃଷ୍ଣଚନ୍ଦ୍ର ପ୍ରତିହାରୀ, ଅଧ୍ୟାପକ ନୀଳକଣ୍ଠ ମିଶ୍ର, କ୍ରୀଡା ପ୍ରଶାସକ କୃଷ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ୨୦ଟି କଲେଜରୁ ୩୬ ବାଳକ ଓ ୨୧ ଜଣ ବାଳିକା ଯୋଗଦାନ କରିଥିଲେ। ଏହି ପ୍ରତିଯୋଗିତାରେ ସୂରଯ ମଲ୍ଲ ଶାହା କଲେଜ ଉଭୟ ବାଳକ ଓ ବାଳିକା ବର୍ଗରେ ଦଳଗତ ଚାମ୍ପିୟନ ହୋଇଛି।

୫୭ କେଜିରେ ଅଭିଜିତ ଖୁଣ୍ଟିଆ, ୬୧କେଜିରେ ସଦାଶିବ ବାରିକ, ୬୫କେଜିରେ ଜ୍ୟୋତିଜୀବନ ଜେନା, ୭୦କେଜିରେ କାଳୀପ୍ରସାଦ ବେହେରା, ୭୪କେଜିରେ ଦେବାଶିଷ ପାଣିଗ୍ରାହୀ, ୭୯କେଜିରେ ଅଭିଷେକ ନାୟକ, ୮୬କେଜିରେ ରାମକୃଷ୍ଣ ଖୁଣ୍ଟିଆ, ୯୨କେଜିରେ ବିଶ୍ୱରଞ୍ଜନ ପାତ୍ର, ୯୭କେଜିରେ ପବିତ୍ର ଦାସ, ୧୨୫କେଜିରେ ଚନ୍ଦନ ପତ୍ରି, ୫୦କେଜିରେ ରଞ୍ଜନ ପାଲ, ୫୩କେଜିରେ ପୁଷ୍ପାଞ୍ଜଳି ସାହୁ, ୫୫କେଜିରେ ଆଲୋକ ରଶ୍ମି ଗୁରୁ, ୬୫କେଜିରେ ସୋନାଲିନ୍ ପ୍ରଧାନ, ୬୮କେଜିରେ ସାହାଜାନ ଖାତୁନ, ୭୨କେଜିରେ ଶୁଭଶ୍ରୀ ସାହୁ ପ୍ରମୁଖ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ଏନଆଇଏସ୍ କୋଚ ଶ୍ୟାମସୁନ୍ଦର ମହାପାତ୍ର, କୃଷ୍ଣମୋହନ ପାତ୍ର, କଲେଜର କ୍ରୀଡା ଶିକ୍ଷକ ହରିହର କର, କୃଷ୍ଣଚନ୍ଦ୍ର ଦାଶ ପ୍ରମୁଖ ପରିଚାଳନା କରିଥିଲେ।

**ଆନ୍ତଃ କଲେଜ କୁସ୍ତି ପ୍ରତିଯୋଗିତା**




ଅତିଥିଙ୍କ ଗହଣରେ କୁସ୍ତି ଖେଳାଳି।

# ଜୋର ଧରୁଛି ସ୍ୱର୍ଗଦ୍ୱାର ଜବରଦଖଲ ଜମି ଉଚ୍ଛେଦ

**ପୁରୀ ଅଫିସ, ୨୦।୯**

ଶ୍ରୀମନ୍ଦିର ସୁରକ୍ଷା ଓ ଶ୍ରୀକ୍ଷେତ୍ରର ବିକାଶ ଲାଗି ସରକାର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଏନେଇ ଜିଲା ପ୍ରଶାସନ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟା ଚାଲିଛି। ଶ୍ରୀକ୍ଷେତ୍ରର ଅନ୍ୟତମ ଐତିହ୍ୟ ସ୍ୱର୍ଗଦ୍ୱାରରୁ ମଧ୍ୟ ଜବରଦଖଲ ଉଚ୍ଛେଦ ଲାଗି ଦାବି ହୋଇଛି। ଏନେଇ ବିଭିନ୍ନ ସଙ୍ଗଠନ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟପାଳଙ୍କ ନିକଟରେ ଦାବି କରିଛନ୍ତି। ବର୍ଷ ବର୍ଷ ଧରି ଜବରଦଖଲରେ ରହିଥିବା ସ୍ୱର୍ଗଦ୍ୱାର ଜମି ମୁକ୍ତ ଲାଗି ଦାବି କରିଛନ୍ତି। ଏପରିକି ସୋସିଆଲ ମିଡିଆରେ ଏହା ଏକ ଚର୍ଚ୍ଚାର ବିନ୍ଦୁ ପାଲଟିଛି। ସ୍ୱର୍ଗଦ୍ୱାର ଜମି ନେତା, ଅସାମାଜିକ ବ୍ୟକ୍ତିଙ୍କ ହାତରୁ ମୁକ୍ତ ଲାଗି ଦାବି କରୁଛନ୍ତି।

ସଚେତନ ନାଗରିକ ମଞ୍ଚ ସଭାପତି ପ୍ରସନ୍ନ କୁମାର ଦାଶ ସ୍ୱର୍ଗଦ୍ୱାର ଜମି ଜବରଦଖଲ ଉଚ୍ଛେଦ ଲାଗି ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସେ ଦର୍ଶାଇଛନ୍ତି ଯେ, କୋଟି କୋଟି ଜଗନ୍ନାଥ ଭକ୍ତଙ୍କ ଆସ୍ଥା ଓ ବିଶ୍ୱାସ ସହିତ ଜଡିତ ରହିଛି ସ୍ୱର୍ଗଦ୍ୱାର। ସ୍ୱର୍ଗଦ୍ୱାରରେ ସଂସ୍କାର କଲେ ସ୍ୱର୍ଗପ୍ରାପ୍ତି ହୋଇଥାଏ ବୋଲି ଲୋକ ବିଶ୍ୱାସ ରହିଛି। ଦୈନିକ ଶହ ଶହ ମୃତଦେହ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସୁଛି। ଅନ୍ୟପଟେ ସ୍ୱର୍ଗଦ୍ୱାରକୁ ଆସୁଥିବା ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ଥାନାଭାବରୁ ମୃତଦେହ ପୋଡିବା ଲାଗି ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରୁଛନ୍ତି। ମୁଣ୍ଡ ଗୁଞ୍ଜିବାକୁ ଜାଗା ନାହିଁ। ପ୍ରଚଣ୍ଡ ଖରାରେ ସିଝୁଛନ୍ତି। ବର୍ଷାରେ ଭିଜୁଛନ୍ତି। ୨ବର୍ଷ ତଳେ ସ୍ୱର୍ଗଦ୍ୱାର ଜବରଦଖଲ ପ୍ରସଙ୍ଗ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପରିବେଷଣ ପରେ ପ୍ରଶାସନର ଚେତା ପଶିଥିଲା। ଏହାର ଜମିଜମା ରେକର୍ଡପତ୍ର ଯାଞ୍ଚ କରାଯାଇଥିଲା। ତେବେ ଏହି ରିପୋର୍ଟ ସରକାରୀ ନାଲିଫିତା ତଳେ ଚାପି ହୋଇ ରହିଯାଇଛି। ମିଳିଥିବା ସୂଚନା ପ୍ରକାରେ, ସ୍ୱର୍ଗଦ୍ୱାର ଏକ ଏକର ଜମି ମଧ୍ୟରୁ ୫୩୫ ଡେସିମିଲ ପ୍ରଭାବଶାଳୀ ନେତାଙ୍କ କବ୍‌ଜାରେ ରହିଛି। କବ୍‌ଜା ଥିବା ଜମିରେ ବେଆଇନ ଭାବେ ହୋଟେଲ, ରେଷ୍ଟୁରାଣ୍ଟ, ଲଜ୍, ଟ୍ରାଭେଲ୍ସ ସଂସ୍ଥା ଗଢି ଉଠିଛି। ବଳକା ୪୬୫ ଡେସିମିଲ ଜାଗାରେ ଚାଲିଛି ମୃତଦେହ ସଂସ୍କାର। ଦୈନିକ ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ମୃତଦେହ ପୋଡାଯାଉଛି। ତେଣୁ ଏଥିପ୍ରତି ଦୃଷ୍ଟି ଦେବା ଲାଗି ଦାଶ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

- ବିକାଶ ଚିତ୍ରରେ ସାମିଲ କରାଯାଉ
- ସୋସିଆଲ ମିଡିଆରେ ଚର୍ଚ୍ଚା